بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା: 40

ବାର୍ଷିକ ଦେୟ : 600/-

09 ରବିଉସ୍ ସାନି 1447 ହି.କ, 02 ଇଖା 1404 ହି.ଶ, 02 October 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

اِنَّ الَّذِیۡنَ اٰمَنُوۡا وَعَمِلُوا الصّٰلِحٰتِ لَہُمۡ اَجۡرٌ غَیۡرُ مَمۡنُوۡنٍ

(ହା ମିମ୍ ସଜଦାହ୍: 09)

**ଅନୁବାଦ:** ବାସ୍ତବରୂପେ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ତଦନୁଯାୟୀ ପୁଣ୍ୟ କର୍ମ ସମ୍ପାଦନ କରିଛନ୍ତି, ସେମାନଙ୍କ ସକାଶେ ଅସରନ୍ତି ପୁରସ୍କାର ନିୟତ ରହିଛି ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**ଯେଉଁ ବ୍ୟକ୍ତି ଯେତେ ଅଧିକ ଧନୀ ସିଏ ସେତିକି ହିଁ ଅଭାବୀ ବ୍ୟକ୍ତି ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ନିଜର ଧନକୁ ପ୍ରଭୁଙ୍କ ପ୍ରସନ୍ନତା ସକାଶେ ବ୍ୟୟ କରିଥାଏ ସେହି ବ୍ୟକ୍ତି ସେତିକି ହିଁ ଧନୀ ଅଟେ ଅଭାବି ନୁହେଁ ।**

**(2388)** ହ. ଅବୁ ଜର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କ ସହିତ ଯେତେବେଳେ ଓହୋଦ୍ ପର୍ବତକୁ ଦେଖିଲି ସେତେବେଳେ ଆପଣ ସ.ଅ କହିଲେ, ଯଦି ସଂପୂର୍ଣ୍ଣ ପର୍ବତକୁ ମୋ ପାଇଁ ସ୍ୱର୍ଣ୍ଣର (ସୁନା) କରିଆଗଲା ତେବେ ମଧ ମୁଁ ଏକଥା ପସନ୍ଦ କରିବି ନାହିଁ ଯେ, ମୁଁ ସେହି ପର୍ବତ ମଧ୍ୟରୁ ଗୋଟିଏ ଦିନାର (ମୁଦ୍ରା)କୁ ନିଜ ପାଖରେ ତିନି ଦିନରୁ ଅଧିକ ଦିନ ପର୍ଯ୍ୟନ୍ତ ରଖିବି । କିନ୍ତୁ ମୁଁ ଯେଉଁ ଋଣ ପରିଶୋଧ କରିବି ସେହି ଦିନାରର ଓ ସେତିକି ମୂଲ୍ୟର ଅର୍ଥ ହିଁ ନିଜ ପାଖରେ ରଖିବି । ପୁନଶ୍ଚ ଆପଣ ସ.ଅ କହିଲେ, ଯେଉଁ ବ୍ୟକ୍ତି ଯେତେ ଅଧିକ ଧନୀ ସେ ସେତିକି ହିଁ ଅଭାବୀ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ନିଜର ଧନକୁ ପ୍ରଭୁଙ୍କ ପ୍ରସନ୍ନତା ସକାଶେ ବ୍ୟୟ କରିଥାଏ ସେହି ବ୍ୟକ୍ତି ସେତିକି ଧନୀ ଅଟେ ।

اِنَّ الۡاَکۡثَرِیۡنَ ہُمُ الۡاَقَلُّوۡنَ: ହ.ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ କୁହନ୍ତି: "ଉପରୋକ୍ତ ବାକ୍ୟ ହେଉଛି ସମସ୍ତ ବାଣୀର ସାରାଂଶ । ଏହାର ଭାବାର୍ଥ ଏହିପରି ଯେ, ଧନାଢ୍ୟତା ବା ଆର୍ଥିକ ସ୍ୱଚ୍ଛଳତା ଟଙ୍କା ପାଇସା ଏକତ୍ରିତ କରିବାରେ ନୁହଁ । ବରଂ ଅନେକ ଧନାଢ୍ୟ ଓ ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତିମାନେ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ଠାରୁ ବଞ୍ଚିତ ରହିବା ଦ୍ୱାରା ହିଁ ଶୂନ୍ୟ ହସ୍ତ ରହନ୍ତି । ଧନାଢ୍ୟତା ବା ଆର୍ଥିକ ସ୍ୱଚ୍ଛଳତା ବରଂ ଦକ୍ଷିଣ ଓ ବାମ (ବାମ ଓ ଡାହାଣ ହସ୍ତ)ପାର୍ଶ୍ୱରେ ବ୍ୟୟ କରିବା ନିମନ୍ତେ ଉଦ୍ଦିଷ୍ଟ ଅଟେ । ଅର୍ଥାତ ଧାର୍ମିକ ଓ ସାଂସାରିକ ଆବଶ୍ୟକତା ନିମନ୍ତେ ଅର୍ଥ ବ୍ୟୟ କରିବା ଦ୍ୱାରା ଧନ ତଥା ଅର୍ଥର ଅଭିପ୍ରାୟ ଚରିତାର୍ଥ ହୋଇଥାଏ । ଯେଉଁ ବ୍ୟକ୍ତି ଧନ, ଟଙ୍କା ପଇସା ଏକତ୍ରିତ କରି ରଖିଲା ଏବଂ ଭକ୍ତ ଓ ଭଗବାନଙ୍କ ଅଧିକାର ସମ୍ପାଦନ କରିବା କ୍ଷେତ୍ରରେ ନିଜର ଧନକୁ ବ୍ୟୟ କଲା ନାହିଁ ତେବେ ସେହି ବ୍ୟକ୍ତି ହିଁ ସବୁଠୁ ବେଶୀ ଦରିଦ୍ର ଓ କାଙ୍ଗାଳ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ନିଜର ଧନ ମାଧ୍ୟମରେ କର୍ତ୍ତବ୍ୟ ତଥା ଅଧିକାର (ଭକ୍ତଙ୍କର, ପ୍ରଭୁଙ୍କର ଓ ଧର୍ମର ) ସମ୍ପାଦନ କଲା ତେବେ ସେହି ବ୍ୟକ୍ତି ହିଁ ପ୍ରକୃତ ଅର୍ଥରେ ଧନୀ ଅଟେ । କାରଣ ସେହି ବ୍ୟକ୍ତି ଧନ ବା ଅର୍ଥର ପ୍ରକୃତ ଅଭିପ୍ରାୟ ବା ପ୍ରକୃତ ମର୍ମକୁ ପ୍ରାପ୍ତ କରିନେଲା । ଆଁହଜରତ ସ.ଅଙ୍କ ଧର୍ମ ସଂକ୍ରାନ୍ତୀୟ ଉପରୋକ୍ତ ଦୃଷ୍ଟିକୋଣଟି ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ତାତ୍ତ୍ୱିକପୂର୍ଣ୍ଣ ଅଟେ ।" **(ସହିହୁଲ୍ ବୁଖାରୀ, ଭାଗ-4, କିତାବୁଲ୍ ଇସ୍ତିକ୍ରାକ୍, ପ୍ରକାଶନ ବର୍ଷ-2008 ମସିହା, କାଦିୟାନ)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ତୁମେମାନେ ଖୁବ୍ ଇସ୍ତିଗଫାର୍ (ଅଲ୍ଲାଃତାଲାଙ୍କ ନିକଟରେ ନିଜର ଦୋଷ ପାଇଁ କ୍ଷମା ଯାଚନା କରିବା) କର । କାରଣ ଏହା ଦ୍ୱାରା ତୁମମାନଙ୍କର ଦୋଷକୁ କ୍ଷମା କରି ଦିଆଯାଇଥାଏ ଏବଂ ଅଲ୍ଲାଃତାଲା ସନ୍ତାନ ମଧ ପ୍ରଦାନ କରିଥାଆନ୍ତି ।**

### ଇସ୍ତିଗଫାର୍ ଓ ବିଶ୍ୱାସ :

ଜଣେ ବ୍ୟକ୍ତି ହ. ମସିହ୍ ମଉଦ୍ ଅସଙ୍କୁ କହିଲା, "ହୁଜୁର ! ମୋ ନିମନ୍ତେ ଆପଣ ଟିକେ ଦୁଆ କରନ୍ତୁ ଯେ, ମୋତେ ଏକ ସନ୍ତାନ ପ୍ରାପ୍ତ ହେଉ (ମୋର ଗୋଟିଏ ସନ୍ତାନ ହୋଇଯାଉ) ।" ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ, ବସ୍ ! ତୁମେ ଖୁବ୍ ଇସ୍ତିଗଫାର୍ (ଅଲ୍ଲାଃତାଲାଙ୍କ ନିକଟରେ ନିଜର ଦୋଷ ପାଇଁ କ୍ଷମା ଯାଚନା କରିବା) କର । କାରଣ ଏହା ଦ୍ୱାରା ତୁମର ଦୋଷକୁ କ୍ଷମା କରି ଦିଆଯିବ ଏବଂ ଅଲ୍ଲାଃତାଲା ତୁମକ ସନ୍ତାନ ମଧ ପ୍ରଦାନ କରିବେ । ମନେରଖ! ବିଶ୍ୱାସ ଏକ ବହୁତ ବୃହତ ଓ ମୁଖ୍ୟ ପ୍ରସଙ୍ଗ ଅଟେ। ଯେଉଁ ବ୍ୟକ୍ତି ବିଶ୍ୱାସରେ (ଯେତେ) ଦୃଢ, ଈଶ୍ୱର ସେହି ବ୍ୟକ୍ତିର( ସେତେ) ହାତ ଧର ନେଇଥାଆନ୍ତି।"

ହ. ମସିହ୍ ମଉଦ୍ ଅ.ସଙ୍କୁ ଏକ ପରୀକ୍ଷା ସମ୍ମୁଖୀନ ହେଉଥିବା ବ୍ୟକ୍ତି ସଂପର୍କରେ ଦୁଆ ନିମନ୍ତେ କୁହାଗଲା, ଆପଣ ଅ.ସ କହିଲେ: "ଦୁଆ ତ' କରାଯାଇଥାଏ । କିନ୍ତୁ ବେଳେବେଳେ ଅଲ୍ଲାଃତାଲ ମନୁଷ୍ୟ ସକାଶେ ଅନ୍ୟ ପୁରସ୍କାର ନିହିତ ରଖିଥାଆନ୍ତି । ପ୍ରକାଶ୍ୟ ରୂପେ ଦୁଆ ସ୍ୱୀକୃତ ହେବାର ଦୃଶ୍ୟମାନ ହୋଇ ନଥାଏ । ତହିଁରେ ଏକ ପରୀକ୍ଷ ରହିଥାଏ । ବିଶେଷ କିର ସେହି ଲୋକମାନଙ୍କ ସକାଶେ ଯେଉଁମାନେ ପ୍ରକାଶ୍ୟ ରୂପେ ସଦାଚାରୀ ହୋଇଥାଆନ୍ତି । କାରଣ ସେମାନେ ଏହା ମନେକରନ୍ତି ଯେ, ଆମେମାନେ ତ' ପୁଣ୍ୟବାନ୍ ଓ ସଦାଚାରୀ ବ୍ୟକ୍ତି ଥିଲୁ, ଆମମାନଙ୍କ ଉପରେ ବିପତ୍ତି କାହିଁକି ଅବତୀର୍ଣ୍ଣ ହେଲା ଏବଂ ଆମେମାନଙ୍କୁ କାହିଁକି ପରୀକ୍ଷା ଦେବାକୁ ପଡ଼ିଲା ଓ ଈଶ୍ୱର ଆମମାନଙ୍କୁ କାହିଁକି ପରୀକ୍ଷା କଲେ ? "

### ଈଶ୍ୱରଙ୍କ ଉପରେ ବିଶ୍ୱାସ:

ହ. ମସିହ୍ ମଉଦ୍ ଅ.ସ କହିଲେ, "ମୋତେ ତ' ଈଶ୍ୱରଙ୍କ ଉପରେ ଏତେ ବିଶ୍ୱାସ ରହିଛି ଯେ, ମୁଁ ତ' ନିଜ ନିମନ୍ତେ ମଧ ଦୁଆ କରୁ ନାହିଁ । କାରଣ ଈଶ୍ୱର ମୋର ଅବସ୍ଥା ଏବଂ ମୋର ଅନ୍ତରକୁ ଭଲ ଭାବରେ ଜାଣନ୍ତି । କାରଣ ସେ ଅନ୍ତର୍ଯାମୀ ଓ ସର୍ବଜ୍ଞ ଅଟନ୍ତି । ଯେତେବେଳେ ହ. ଇବ୍ରାହିମ୍ ଅ.ସଙ୍କୁ ଅବିଶ୍ୱାସକାରୀମାନେ ଅଗ୍ନି ମଧ୍ୟକୁ ନିକ୍ଷେପ କଲେ ସେତେବେଳେ ଦେବଦୂତମାନେ ଆସି ହ. ଇବ୍ରାହିମ୍ ଅ.ସଙ୍କୁ ପଚାରିଲେ ଯେ, ହେ ଇବ୍ରାହିମ୍! ଆପଣଙ୍କୁ କୌଣସି ଜିନିଷର ଆବଶ୍ୟକତା ରହିଛି କି ? ହ. ଇବ୍ରାହିମ୍ ଅ.ସ କହିଲେ, بَلٰی وَلٰکِنۡ اِلَیۡکُمۡ لَا ଅବଶ୍ୟ, ମୋତ ଆବଶ୍ୟକତା ତ' ରହିଛି । କିନ୍ତୁ ମୁଁ ତୁମମାନଙ୍କ ସମ୍ମୁଖରେ ନିଜର ଆବଶ୍ୟକତା ତଥା ଅଭାବକୁ ଉପସ୍ଥାପିତ କରିବାର ଆବଶ୍ୟକ ବୋଲି ମନେକରୁ ନାହିଁ । ଦେବଦୂତମାନେ କହିଲେ, ଆଚ୍ଛା ! ହେ ଇବ୍ରାହିମ୍, ତାହାତାହେଲେ ତୁମେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ନିଜର ଦୁଆ (ପ୍ରାର୍ଥନା) କର । ତେବେ ହ. ଇବ୍ରାହିମ୍ ଅ.ସ କହିଲେ, عِلۡمُہٗ مِنۡ حَالِیۡ حَسۡبِیۡ مِنۡ سُوَالِیۡ ଅର୍ଥାତ୍ ସେ ମୋର ଅବସ୍ଥା ସହିତ ଅବଗତ ଅଟନ୍ତି । ତେଣୁ ମୋତେ ପ୍ରଶ୍ନ କରିବା ଓ ମାଗିବାର କୌଣସି ଆବଶ୍ୟକତା ନାହିଁ।" **(ମଲ୍‌ଫୁଜାତ୍, ଭାଗ-2, ପୃ-88, ସଂସ୍କରଣ ବର୍ଷ-2018 ମସିହା)** ☆--☆--☆

**ମନୁଷ୍ୟ ଆଧ୍ୟାତ୍ମିକ ସ୍ତରର ସପ୍ତମ ସ୍ତରରେ ପହଞ୍ଚିବା ପରେ ଯେଉଁ ପୂର୍ଣ୍ଣତ୍ୱ ଲାଭ କରିଥାଏ ତାହାର ଶେଷ ବିନ୍ଦୁ ମନୁଷ୍ୟ ହୃଦୟ ରୂପକ ଦର୍ପଣରେ ଈଶ୍ୱରଙ୍କ ପ୍ରତିବିମ୍ବ ଅଙ୍କିତ ହେବାକୁ ଲାଗିଥାଏ। ମନୁଷ୍ୟ ଈଶ୍ୱରଙ୍କ ଯଶ ଓ ସୌନ୍ଦର୍ଯ୍ୟର ପରିପ୍ରକାଶକ ପାଲିଟି ଯାଇଥାଏ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସେହି ଭକ୍ତ ପ୍ରତି ଶତ୍ରୁତା ପ୍ରଦର୍ଶନ କରେ, ଈଶ୍ୱର ସେହି ବ୍ୟକ୍ତିକୁ ନିଜର ଶତ୍ରୁ ବୋଲି ବିବେଚିତ କରନ୍ତି ଓ ଯେଉଁ ବ୍ୟକ୍ତିମାନେ ସେହି ପୂର୍ଣ୍ଣତ୍ୱ ଲାଭ କରିଥିବା ବ୍ୟକ୍ତି ପ୍ରତି ପ୍ରେମ ପ୍ରଦର୍ଶନ କରେ ସେହି ବ୍ୟକ୍ତି ଈଶ୍ୱରଙ୍କ କଲ୍ୟାଣ ଓ ତାହାଙ୍କ ପୁରସ୍କାରର ଅଧିକାରୀ ହୋଇ ଯାଇଥାଏ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ | ସୁରତୁଲ୍ ମୁମିନୁନ୍‌ର ଆୟତ୍ **(ଅବଶିଷ୍ଟାଂଶ...ପୃ-2ରେ)**

## ପୃ-1ରେ ବର୍ଣ୍ଣିତ ତଫ୍‌ସିର୍‌ର ଅବଶିଷ୍ଟାଂଶ....

ସଂଖ୍ୟା 18 وَلَقَدْ خَلَقْنَا فَوْقَكُمْ سَبْعَ طَرَآئِقَ وَمَا كُنَّا عَنِ الْخَلْقِ غَافِلِيْنَ ର ବ୍ୟାଖ୍ୟା କରି କୁହନ୍ତି: "ପୁନଶ୍ଚ ମନୁଷ୍ୟ ଏହାଠୁ ବି ଆଗକୁ ଅଗ୍ରଗତି କରିଥାଏ ଏବଂ ମନୁଷ୍ୟକୁ ଷଷ୍ଠ ସ୍ତର ପ୍ରାପ୍ତ ହୋଇଥାଏ। ମନୁଷ୍ୟ ମଧ୍ୟରେ ଏପରି ଧର୍ମପରାୟଣତା (ଭାବ) ସୃଷ୍ଟି ହୋଇଯାଇଥାଏ ଯେ, ସେ ନିଜକୁ ସଂପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ହସ୍ତରେ ଦେଇ (ସମର୍ପଣ କରି) ଦେଇଥାଏ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି بَلٰى مَنْ اَسْلَمَ وَجْهَهٗ لِلّٰهِ وَهُوَ مُحْسِنٌ فَلَهٗٓ اَجْرُهٗ عِنْدَ رَبِّهٖ وَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ ○ ଅର୍ଥାତ୍ କୁହ ତ' ଭଲା ଅନ୍ୟ ଲୋକମାନେ ବୈକୁଣ୍ଠରେ ପ୍ରବେଶ କରିବେ ନାହିଁ କାହିଁକି ? ଯେ କେହି ନିଜକୁ ସଂପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ନିକଟରେ ସମର୍ପଣ କରିଦିଏ ଓ ସତ୍‌କର୍ମ ସମ୍ପାଦନ କରେ ତେବେ ତାହା ଲାଗି ନିଜ ପାଳନକର୍ତ୍ତାଙ୍କ ପାଖରେ ପୁରସ୍କାର ନିୟତ ଅଛି, ଏବଂ ସେମାନଙ୍କର ଭବିଷ୍ୟତ ପାଇଁ କୌଣସି ପ୍ରକାରର ଭୟ ରହିବ ନାହିଁ କି ସେମାନେ ଅତୀତର ତ୍ରୁଟି ପାଇଁ ଦୁଃଖିତ ହେବେ ନାହିଁ ।

ଦେବଦୂତ ମର୍ଯ୍ୟାଦା ତଥା ଦେବଦୂତ ସ୍ତରରେ ସେ ଏହା ମନେକରୁଥିଲା ଯେ, ମୁଁ ମଧ୍ୟ କିଛି କିରପାରିବି। ମୋତେ ଆଦେଶ ଦିଅ ମୁଁ ଦଉଡ଼ି ଯାଇ ତା'ର ଆଜ୍ଞା ପାଳନ କରିବି । କିନ୍ତୁ ଉକ୍ତ ମର୍ଯ୍ୟାଦ ଠାରେ ପହଞ୍ଚି ମନୁଷ୍ୟର ଏହି ଅବସ୍ଥା ହୋଇଯାଇଥାଏ ଯେ, ସେ ଏହା କହିଥାଏ ଯେ, ମୁଁ ତ' କିଛି ନୁହେଁ, ଯାହା ଓ ଯେପରି ଆପଣଙ୍କର ଇଚ୍ଛା ହେଉଛି ଆପଣ ମୋତେ ସେହିପରି ବ୍ୟବହାର କରିପାରିବେ । ଉକ୍ତ ସ୍ତରରେ ପହଞ୍ଚି ତା'ର ସମସ୍ତ କାର୍ଯ୍ୟ ଈଶ୍ୱରଙ୍କ କାର୍ଯ୍ୟ ହୋଇଯାଇଥାଏ । କାରଣ ସେ ନିଜକୁ ଈଶ୍ୱରଙ୍କ ହସ୍ତରେ ଏକ ନିର୍ଜୀବ ଓ ନିଷ୍କ୍ରିୟା ଅସ୍ତ୍ର ପରି (ଧରାଇ) ଦେଇଥାଏ । ଏପରି ଲୋକମାନଙ୍କ ସଂକ୍ରାନ୍ତରେ ରସୁଲ୍ କରୀମ୍ ସ.ଅ କହିଛନ୍ତି ଯେ, କେତେକ ଲୋକ ଉନ୍ନତି କରୁ କରୁ ଏପରି ସ୍ଥାନର ପହଞ୍ଚି ଯାଆନ୍ତି ଯେ, ଈଶ୍ୱର ସେମାନଙ୍କର ଚକ୍ଷୁ, କର୍ଣ୍ଣ, ହସ୍ତ ଓ ପାଦ ହୋଇଯାଆନ୍ତି। ଅର୍ଥାତ୍ ସେମାନଙ୍କର ସମସ୍ତ ଗତିବିଧି ଈଶ୍ୱରଙ୍କ ଇଚ୍ଛା ତଥା ଈଶ୍ୱରଙ୍କ ଉଦ୍ଦେଶ୍ୟ ଅନୁଯାୟୀ ସମ୍ପାଦିତ ହୋଇଥାଏ । ସେହି ଲୋକମାନେ ପ୍ରତ୍ୟେକ ପ୍ରକାରର ବିପତ୍ତି, ପରୀକ୍ଷା ଓ ଛଳନାରୁ ସୁରକ୍ଷିତ ରୁହନ୍ତି ।"

ସପ୍ତମ ସ୍ତର ଯେଉଁଠାରେ ମନୁଷ୍ୟ ଉନ୍ନତି କରି ପହଞ୍ଚିଥାଏ ସେ ହେଉଛି ସେହି ସ୍ତର ଯେଉଁ ସ୍ତର ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଆୟତ୍ ثُمَّ اَنْشَاْنٰهُ خَلْقًا اٰخَرَ ରେ ଚର୍ଚ୍ଚା କରିଛନ୍ତି । ଅର୍ଥାତ୍ ପୁନଶ୍ଚ ମନୁଷ୍ୟ ଅନ୍ୟ ଏକ ସୃଷ୍ଟିରେ ପରିଣତ କରି ଦିଆଯାଇଥାଏ । ମନୁଷ୍ୟ ଉପରେ ଏହି ପ୍ରକାରର ଆକାଶୀୟ ରଙ୍ଗ ପ୍ରସାରିତ ହୋଇଯାଇଥାଏ ଯେ, ପୂର୍ବେ ସେ ଅଲ୍ଲାଃତାଲାଙ୍କ ଡାକିବା ଯୋଗୁଁ ଉତ୍ତର ଦେଉଥିଲା। କିନ୍ତୁ ବର୍ତ୍ତମାନ ତା'କୁ ସେହି ମର୍ଯ୍ୟାଦା ପ୍ରଦାନ କରାଯାଇଥାଏ ଯେ, ସେ ଯାହା କିଛି କହିଥାଏ ଈଶ୍ୱର ମଧ୍ୟ ତଦନୁଯାୟୀ ନିଜର ଆଦେଶାବଳୀ ପ୍ରଣୟନ କରି ଦେଇଥାଆନ୍ତି । ଅର୍ଥାତ୍ ପୂର୍ବେ ଈଶ୍ୱର ସେହି ଭକ୍ତର ହସ୍ତ ଓ ପାଦ (ହାତ ଗୋଡ଼) ହୋଇଯାଇଥିଲେ ।

କିନ୍ତୁ ପୁନଶ୍ଚ ସେ ଉନ୍ନତି କରୁ କରୁ ଏପରି ଏକ ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ ଯେ, ତା'ର ନିଜ ହସ୍ତ, ତୁଣ୍ଡ ଓ ପାଦ ଅଲ୍ଲାଃତାଲାଙ୍କ ହସ୍ତ, ପାଦ ଓ ତୁଣ୍ଡ ହୋଇଯାଇଥାଏ । ସେ مَا يَنْطِقُ عَنِ الْهَوٰى اِنْ هُوَ اِلَّا وَحْيٌ يُّوْحٰى (ଅନ୍ ନଜମ୍:4) ଅର୍ଥାତ୍ ସେ ନିଜ ଇଚ୍ଛାର ବଶବର୍ତ୍ତୀ ହୋଇ କିଛି କୁହେ ନାହିଁ । ବରଂ ତାହା ଅର୍ଥାତ୍ ଅଲ୍ଲାଃତାଲାଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିବା ପବିତ୍ର କୁରଆନ୍‌ର ବାଣୀ କେବଳ ଅଲ୍ଲାଃତାଲାଙ୍କ ତରଫୁ ହିଁ ଅବତୀର୍ଣ୍ଣ ହୋଇଥିବା ୱହି (ଐଶୀବାଣୀ) ଅଟେ । ଅତଏବ୍ ମନୁଷ୍ୟ ଉପରୋକ୍ତ ଐଶୀବାଣୀର ଚରିତାର୍ଥ ହୋଇଯାଇଥାଏ । ଅତଏବ୍ ଏ ହେଉଛି ମନୁଷ୍ୟ ପୂର୍ଣ୍ଣତ୍ୱର ଶେଷ ବିନ୍ଦୁ ଯେଉଁ ବିନ୍ଦୁ ଉପରେ ପହଞ୍ଚି ମନୁଷ୍ୟର ହୃଦୟ ରୂପକ ଦର୍ପଣରେ ଐଶୀ ଗୁଣାବଳୀର ସେହି ପ୍ରତିବିମ୍ବ ପ୍ରତିଫଳିତ ଏବଂ ପ୍ରତିବିମ୍ବିତ ହେବାକୁ ଲାଗିଥାଏ । ମନୁଷ୍ୟ ଈଶ୍ୱରଙ୍କ ଯଶ ଓ ସୌନ୍ଦର୍ଯ୍ୟର ପରିପ୍ରକାଶକ ପାଲିଟି ଯାଇଥାଏ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସେହି ଭକ୍ତ ପ୍ରତି ଶତ୍ରୁତା ପ୍ରଦର୍ଶନ କରେ ଈଶ୍ୱର ସେହି ବ୍ୟକ୍ତିକୁ ନିଜର ଶତ୍ରୁ ବୋଲି ବିବେଚିତ କରନ୍ତି ଓ ଯେଉଁ ବ୍ୟକ୍ତି ସେହି ପୂର୍ଣ୍ଣତ୍ୱ ଲାଭ କରିଥିବା ବ୍ୟକ୍ତି ପ୍ରତି ପ୍ରେମ ପ୍ରଦର୍ଶନ କରେ ସେହି ବ୍ୟକ୍ତି ଈଶ୍ୱରଙ୍କ କଲ୍ୟାଣ ତାହାଙ୍କ ପୁରସ୍କାରର ଅଧିକାରୀ ହୋଇ ଯାଇଥାଏ । ସୁତରାଂ ଉକ୍ତ ମର୍ଯ୍ୟାଦା ଓ ଉକ୍ତ ସ୍ତର ଆଡ଼କୁ ଜମାଅତ୍ ଅହମଦିୟାର ସଂସ୍ଥାପକ ଏକ ସ୍ଥଳେ ଇଙ୍ଗିତ କରି କହିଛନ୍ତି ଯେ,

اے آں کہ سوئے من بدویدی بصد تبر
از باغباں بترس کہ من شاخِ مثمرم

"ଅର୍ଥାତ୍ ହେ ବ୍ୟକ୍ତି ! ତୁ ମୋ ଆଡ଼କୁ ପରଶୁ (ବର୍ଚ୍ଛା) ଓ କୁରାଢ଼ୀ ନେଇ ଉକ୍ତ ଉଦ୍ଦେଶ୍ୟ ରଖି ଧାଇଁ ଆସୁଛୁ ଯେ, ତୁ ମୋ ଦ୍ୱାରା ରୋପିତ ଉଦ୍ୟାନକୁ କର୍ତ୍ତନ (କାଟି) ପକାଇବୁ। ତୁ ଉଦ୍ୟାନପାଳକ (ମାଳି) ଠାରୁ ଭୟ କର । କାରଣ ମୁଁ ସେହି ଶାଖା ନୁହେଁ ଯାହାକୁ କାଟି ଦିଆଯିବ । ତୋର କୁମନ୍ତ୍ରଣା ଓଲଟା ତୋରି ଉପରେ ଲେଉଟି ଯିବ ଏବଂ ତୋର ଯୋଜନା ତୋତେ ହିଁ ଧ୍ୱଂସ କରିଦେବ । କାରଣ ଆପାଦ ମସ୍ତକ ମୋର ଈଶ୍ୱର ମୋ ମଧ୍ୟରେ ନିହିତ ରହିଛନ୍ତି । ଆକ୍ରମଣକାରୀ ମୋ ଉପରେ ଆକ୍ରମଣ କରୁ ନାହିଁ । ବରଂ ସେ ଈଶ୍ୱରଙ୍କ **(ଅବଶିଷ୍ଟାଂଶ...ପୃ-12ରେ)**

## ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର୍ ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦର୍‌ର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧ୍ୟାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ୱର୍[ଅ.ବ]ଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ୍ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦର୍‌ର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ । (ସମ୍ପାଦକ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

**ଆଁହଜରତ ସ.ଅ ଯେତେ ଯୁଦ୍ଧ କଲେ ସେହି ଯୁଦ୍ଧମାନଙ୍କରେ ଚର୍ଚ୍ଚା ଯୋଗ୍ୟ ପ୍ରସଙ୍ଗ ଏହିକି ଯେ, ଯୁଦ୍ଧ ଭୂମିରେ ଯେପରି ଅବସ୍ଥା ଥାଉ ନା କାହିଁକି ପ୍ରତ୍ୟେକ ଯୁଦ୍ଧରେ ଆପଣ ସ.ଅଙ୍କ ଅବିଚଳତା, ସାହସିକତାର କୌଣସି ଉଦାହଣର (ଦୃଷ୍ଟାନ୍ତ) ଦେଖିବାକୁ ମିଳୁ ନାହିଁ । ଯେତେବେଳେ ବଡ଼ ବଡ଼ ବୀର ଯୋଦ୍ଧାମାନେ ଯୁଦ୍ଧ ଭୂମିରେ ତିଷ୍ଠି ପାରିଲେ ନାହିଁ ସେତେବେଳେ ଆପଣ ସ.ଅ ଏକ ଚଟ୍ଟାଣ ପରି ସେଠାରେ ଉପସ୍ଥିତ ଥିବା ଦୃଶ୍ୟମାନ ହୁଅନ୍ତି ।**

— — — — — — — — — — — — — — — — — — — — —

**ହୁନୈନ୍ ଯୁଦ୍ଧରେ ପ୍ରାରମ୍ଭିକ ବିଜୟ ମୁସଲମାନମାନଙ୍କର ହିଁ ହୋଇଥିଲା । ପୁନଶ୍ଚ ଶତ୍ରୁ ପକ୍ଷରୁ ଭୟଙ୍କର ଆକ୍ରମଣ ଯୋଗୁଁ ଦଳାଚକଟା ଆରମ୍ଭ ହୋଇଗଲା ଏବଂ ସାମୟିକ ପରାଜୟ ଘଟିଲା । କିନ୍ତୁ ପରିଶେଷରେ ମୁସଲମାନମାନଙ୍କୁ ଏକ ଭବ୍ୟ ବିଜୟ ପ୍ରାପ୍ତ ହେଲା ।**

— — — — — — — — — — — — — — — — — — — — —

**ହ. ବରାଅ ବିନ୍ ଆଜିବ୍ ର.ଅ କୁହନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଦେଖିଲି ଆପଣ ସ.ଅ ଗଧ ଉପରେ ଆରୋହଣ ହୋଇଥିଲେ ଏବଂ ଅବୁ ସୁଫିୟାନ୍ ବିନ୍ ହାରିସ୍ ସେହି ଗଧର ଲଗାମ (ମଙ୍ଗ) ଧରିଥିଲେ । ଆପଣ ସ.ଅ କହୁଥିଲେ ଯେ, أَنَا النَّبِيُّ لَا كَذِبْ أَنَا ابْنُ عَبْدِ الْمُطَّلِبْ । ଅର୍ଥାତ୍ ମୁଁ ଅବତାର ଅଟେ । ଏହା କୌଣସି ମିଛ କଥା ନୁହେଁ, ମୁଁ ମିଥ୍ୟାବାଦୀ ନୁହେଁ ଏବଂ ମୁଁ ଅବ୍ଦୁଲ୍ ମୁତଲ୍ଲିବ୍‌ର ସନ୍ତାନ (ସୁପୁତ୍ର) ଅଟେ ।**

— — — — — — — — — — — — — — — — — — — — —

**ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯେତେବେଳେ ଯୁଦ୍ଧ ଚରମ ସୀମାରେ ପହଞ୍ଚି ଯାଉଥିଲା ସେତେବେଳେ ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ଛତ୍ରଛାୟାକୁ ଚାଲି ଆସୁଥିଲୁ । ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ପାଖରେ ରହୁଥିଲା ସେହି ବ୍ୟକ୍ତି ହିଁ ସର୍ବାଧିକ ବୀର ଓ ସାହସୀ ବୋଲି ବିବେଚିତ ହେଉଥିଲା।**

— — — — — — — — — — — — — — — — — — — — —

**ହୁନୈନ୍ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପ୍ରାଣପୋଷଣକାରୀ ପବିତ୍ର ଜୀବନୀ ଚର୍ଚ୍ଚା ।**

**ସେହିପରି ଜଲ୍‌ସା ସାଲାନା ଜର୍ମାନୀରେ ଅଂଶଗ୍ରହଣ କରିଥିବା ଅତିଥିମାନଙ୍କୁ ଉପଦେଶ ଏବଂ ସଂସାରର ଅବସ୍ଥାକୁ ଦୃଷ୍ଟିରେ ରଖି ଦୁଆ କରିବା ନିମନ୍ତେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ।**

— — — — — — — — — — — — — — — — — — — — —

**ହୁଜୁର ଅନୱର୍ ଅ.ବ କହିଲେ, ଆଜି ଠାରୁ ଜଲସା ସାଲାନା ଜର୍ମାନୀ ମଧ୍ୟ ଆରମ୍ଭ ହେଉଛି.......ଏହି ଦିନମାନଙ୍କରେ ନିଜର ଜ୍ଞାନଭିତ୍ତିକ, ଆଧ୍ୟାତ୍ମିକ ଉନ୍ନତିରେ ଅଗ୍ରସର ହେବା ନିମନ୍ତେ ଶପଥ ନିଅନ୍ତୁ ଏବଂ ଏଥି ନିମନ୍ତେ ଉଦ୍ୟମ ମଧ୍ୟ କରନ୍ତୁ । ଏହି ଦିନମାନଙ୍କରେ ବିଶେଷ ରୂପେ ଈଶ୍ୱର ଚର୍ଚ୍ଚା ଏବଂ ଦୁଆରେ ନିଜର ସମୟ ଅତିବାହିତ କରନ୍ତୁ ।**

— — — — — — — — — — — — — — — — — — — — —

**ପାକିସ୍ତାନରେ ପ୍ରତ୍ୟେକ ଦିନ କୌଣସି ନା କୌଣସି ହୃଦୟ ବିଦାରକ ଘଟଣା ଘଟିଯାଇଥାଏ । ଅଲ୍ଲାଃତାଲା ବିରୋଧୀମାନଙ୍କର ଧରପକଡ଼ ପାଇଁ ସେମାନଙ୍କୁ ଦଣ୍ଡିତ କରିବା ନିମନ୍ତେ ଯଥାଶୀଘ୍ର ସାଧନ ସୃଷ୍ଟି କରନ୍ତୁ ।**

— — — — — — — — — — — — — — — — — — — — —

**ହୁଜୁର ଅନ୍‌ୱର୍ ଅ.ବଙ୍କ ପାଲେଷ୍ଟାଇନ୍‌ର ଅତ୍ୟାଚାରିତ ଓ ନିଷ୍ପେଷିତ ଲୋକମାନଙ୍କ ନିମନ୍ତେ ଏବଂ ସଂସାରର ସାମୂହିକ ପରିସ୍ଥିତି ପାଇଁ ମଧ୍ୟ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ ନିମନ୍ତେ ଆହ୍ୱାନ ।**

— — — — — — — — — — — — — — — — — — — — —

**ଆଜି ଅହମଦିମାନଙ୍କର ଏହି କାର୍ଯ୍ୟ ଓ ଦାୟିତ୍ୱ ରହିଛି ଯେ, ସେମାନେ ସମସ୍ତ ପ୍ରକାରର ଅତ୍ୟାଚାର ଓ ଅନ୍ୟାୟ ବିପକ୍ଷରେ ଯେଉଁ ଯେଉଁଠି ହୋଇପାରୁଛି ସେଠାରେ ସ୍ୱରୋତ୍ତୋଳନ କରନ୍ତୁ ଏବଂ ଆପଣମାନେ ବିଶେଷ ରୂପେ ଦୁଆ କରିବା ପ୍ରତି ଜୋର୍ ଦିଅନ୍ତୁ ଏବଂ ବେଦନାପୂର୍ଣ୍ଣ ହୃଦୟର ସହିତ ଦୁଆ କରନ୍ତୁ।**

— — — — — — — — — — — — — — — — — — — — —

**29 August 2025 ମସିହା ଅନୁଯାୟୀ ୨୯ ଜହୁର୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُولُهٗ۔ أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଗତ ଖୁତ୍‌ବାରେ ମୁଁ ହୁନୈନ୍ ଯୁଦ୍ଧ ବିଷୟରେ ଚର୍ଚ୍ଚା କରିଥିଲି । ସେହି କ୍ରମରେ ଆଜି ଏହାର ଅତିରିକ୍ତ ତଥା ସବିଶେଷ ବିବରଣୀ ପ୍ରଦାନ କରିବି । ଆଁହଜରତ ସ.ଅ ମକ୍କାରୁ ବାହାରିବା ସମୟରେ ହ. ଅତ୍ତାବ୍ ବିନ୍ ଅସିଦ୍ ର.ଅଙ୍କୁ ମକ୍କାର ଅମୀର୍ ନିଯୁକ୍ତ କଲେ । ହ. ଅତ୍ତାବ୍ ମକ୍କାର ପ୍ରଥମ ଅମୀର୍ ଥିଲେ । ସେତେବେଳେ ହ. ଅତ୍ତାବ୍ ର.ଅଙ୍କ ବୟସ ପ୍ରାୟ 20 ଥିଲା। ହ. ମୁଆଜ୍ ବିନ୍ ଜବଲ୍ ର.ଅ ଙ୍କୁ ମକ୍କାବାସୀଙ୍କୁ ଧର୍ମ ଶିକ୍ଷା ପ୍ରଦାନ କରିବା ନିମନ୍ତେ ଦାୟିତ୍ୱ ଦିଆଗଲା ।

ହ. ଅତ୍ତାବ୍ ର.ଅଙ୍କ ପରିଚୟ ଏହିପରି ଯେ, ହ. ଅତ୍ତାବ୍ ର.ଅଙ୍କ ପିତାଶ୍ରୀଙ୍କ ନାମ ଅସିଦ୍ ବିନ୍ ଅବୁଲ୍ ଇସ୍ ବିନ୍ ଉମୈୟାହ୍ ଥିଲା । ଏହି ବାପ ପୁଅ ଦୁଇଜଣ କୁରୈଶୀୟ ବଂଶର ନେତୃବୃନ୍ଦ ସଦସ୍ୟ ଥିଲେ ଓ ଏମାନେ ଇସ୍‌ଲାମ୍ ଧର୍ମର ଘୋର ବିରୋଧୀ ଓ ଶତ୍ରୁ ଥିଲେ । ହ. ଅତ୍ତାବ୍ ର.ଅଙ୍କ ମାତାଙ୍କ ନାମ ଜୈନବ୍ ଥିଲା । ଅତ୍ତାବ୍‌ଙ୍କ ପିତାଶ୍ରୀ ମକ୍କା ବିଜୟ ପୂର୍ବରୁ ମୃତ୍ୟୁବରଣ କରିଥିଲେ । ଅତ୍ତାବଙ୍କ ଇସ୍‌ଲାମ୍ ଧର୍ମ ପ୍ରତି ଥିବା ଘୃଣାର ଏହି ଅବସ୍ଥା ଥିଲା ଯେ, ମକ୍କା ବିଜୟ ଦିନ ଯେତେବେଳେ ହ. ବିଲାଲ୍ ର.ଅ ଖାନା କାଆବାରେ ଅଜାନ୍ ଦେଲେ ସେତେବେଳେ ଅତ୍ତାବ୍ ର.ଅ ନିଜର ସାଥିମାନଙ୍କୁ କହିବାକୁ ଲାଗିଲେ ଯେ, ମୁଁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ, ମୋର ପିତାଶ୍ରୀ ଏହି ଅଜାନ୍ ଶୁଣିବା ପୂର୍ବରୁ ହିଁ ଏହି ସଂସାରରୁ ବିଦାୟ ନେଇଛନ୍ତି । ସେ ଯାହା ହେଉ ଅତ୍ତାବ୍ ମକ୍କା ବିଜୟ ଦିନ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଥିଲା । ଏକଦା ଆଁହଜରତ ସ.ଅ ସ୍ୱପ୍ନରେ ଅତ୍ତାବ୍‌ଙ୍କର ପିତାଶ୍ରୀ ଅସିଦ୍ ବିନ୍ ଅବୁଲ୍ ଆସ୍‌ଙ୍କୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ଅବସ୍ଥାରେ ମକ୍କାର ଶାସକ ରୂପେ ଦେଖିଥିଲେ । ସେ ତ' ଅବଜ୍ଞା ଅବସ୍ଥାରେ ହିଁ ମୃତ୍ୟୁବରଣ କଲା ଏବଂ ବର୍ତ୍ତମାନ ଆପଣ ସ.ଅଙ୍କ ସ୍ୱପ୍ନର ଅର୍ଥ ତା'ର ପୁତ୍ର ହ. ଅତ୍ତାବ୍ ର.ଅଙ୍କ ଆକାରରେ ପ୍ରକଟିତ ହୋଇଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାନୁଯାୟୀ ଆଁହଜରତ ସ.ଅ ସ୍ୱପ୍ନରେ ଦେଖିଲେ ଯେ, ଅତ୍ତାବ୍ ର.ଅ ସ୍ୱର୍ଗ ଦ୍ୱାର ପାଖରେ ଆସିଛନ୍ତି ଏବଂ ଖୁବ୍ ଜୋରରେ କବାଟ ଠକ୍ ଠକ୍ କରୁଛନ୍ତି । ପରିଶେଷରେ କବାଟ ଖୋଲାଗଲା ଏବଂ ସେ ତହିଁରେ ପ୍ରବେଶ କଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆଁହଜରତ କହିଲେ, ଅତ୍ତାବର ପିତାଶ୍ରୀ ଅସିଦ୍‌କୁ ଯିଏ କି ଜଣେ ଅବିଶ୍ୱାସକାରୀ ବ୍ୟକ୍ତି ଥିଲା ଏବଂ ଅବିଶ୍ୱାସକାରୀ ଅବସ୍ଥାରେ ହିଁ ମୃତ୍ୟୁବରଣ କରିଥିଲା ଏବଂ ବୈକୁଣ୍ଠ ପୁରରେ ଆପଣ ସ.ଅ ତା'କୁ ଦେଖିଥିଲେ । ଆପଣ ସ.ଅ ଏହା ଭାବିଲେ ଯେ, ଅସିଦ୍ କିପରି ସ୍ୱର୍ଗରେ ପ୍ରବେଶ କଲେ ? ମକ୍କା ବିଜୟ ଦିନ ଅତ୍ତାବ୍ ବିନ୍ ଅସିଦ୍ ଆଁହଜରତ ସ.ଅଙ୍କ ସମ୍ମୁଖକୁ ଆସିଲେ, ସେତେବେଳେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ମୁଁ ଅତ୍ତାବକୁ ହିଁ ସ୍ୱର୍ଗରେ ଦେଖିଥିଲି । ଅତ୍ତାବକୁ ମୋ ସମ୍ମୁଖକୁ ଆଣ । ଅର୍ଥାତ୍ ଉପସ୍ଥାପିତ କର । ତାଙ୍କୁ ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା ଏବଂ ଆପଣ ସ.ଅ ତାଙ୍କୁ ମକ୍କାର ଅମୀର୍ ରୂପେ ନିଯୁକ୍ତ କଲେ ଏବଂ କହିଲେ, ହେ ଅତ୍ତାବ୍ ! ତୁମକୁ ଜଣା ଯେ, ମୁଁ କେଉଁ ଲୋକମାନଙ୍କ ଉପରେ ତୁମକୁ ଅମୀର୍ (ସେନାପତି ବା ଶାସକ)

ରୂପେ ନିଯୁକ୍ତ କରିଛି । ମୁଁ ତୁମକୁ ଏହଲୁଲ୍ଲାଃ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଘରର ସୁରକ୍ଷା ଦେଉଥିବା ଲୋକମାନଙ୍କ ଉପରେ ଅମୀର୍ ରୂପେ ନିଯୁକ୍ତ କରିଛି । ତେଣୁ ହେ ଅତ୍ତାବ୍! ତୁମେ ସେମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବ । ଆପଣ ସ.ଅ ତାଙ୍କୁ ଉକ୍ତ କଥା ତିନିଥର କହିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଅତ୍ତାବ୍ ର.ଅ ଆଁହଜରତ ସ.ଅଙ୍କ ବିୟୋଗ ପର୍ଯ୍ୟନ୍ତ ମକ୍କାର ଶାସକ ରହିଥିଲେ । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅତ୍ତାବ୍ ର.ଅ ହ. ଅବୁ ବକ୍କର୍ ର.ଅଙ୍କ କାଳରେ ମଧ୍ୟ ମକ୍କାର ଶାସକ ଥିଲେ । ଯେଉଁ ଦିନ ହ. ଅବୁ ବକ୍କର ର.ଅଙ୍କ ବିୟୋଗ ହୋଇଥିଲା ସେହି ଦିନ ହ. ଅତ୍ତାବ୍ ର.ଅଙ୍କର ମଧ୍ୟ ବିୟୋଗ ହୋଇଥିଲା । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ଅତ୍ତାବ୍ ର.ଅ ହ. ଉମର୍ ର.ଅଙ୍କ କାଳ ପର୍ଯ୍ୟନ୍ତ ଜୀବିତ ରହିଥିଲେ ।

ମକ୍କାରୁ ହୁନୈନ୍ ଅଭିମୁଖେ ବାହାରିବା ସଂପର୍କରେ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ ହୁନୈନ୍ ଯୁଦ୍ଧ ନିମନ୍ତେ 6 ଶୱାଲ୍ ଶନିବାର ଦିନ ବାହାରିଥିଲେ ଏବଂ 10 ଶୱାଲରେ ହୁନୈନ୍ ନାମକ ସ୍ଥାନରେ ପହଞ୍ଚିଥିଲେ । ଇବ୍ନେ କସିର୍ଙ୍କ ମତରେ ଆଁହଜରତ ସ.ଅ ହୁନୈନ୍ ଯୁଦ୍ଧ ନିମନ୍ତେ 5 ଶୱାଲରେ ବାହାରିଥିଲେ । ଯେତେବେଳେ ରସୁଲ୍ କରୀମ୍ ସ.ଅ ହୁନୈନ୍ ଯୁଦ୍ଧ ଆଡ଼କୁ ଯିବାକୁ ଲାଗିଲେ ସେତେବେଳେ ଆପଣ ସ.ଅଙ୍କ ପତ୍ନି ଅର୍ଥାତ୍ ହ. ଉମ୍ମେ ସଲ୍ମା ଏବଂ ହ. ଜୈନବ୍ ର.ଅ ଆପଣ ସ.ଅଙ୍କ ସହିତ ଥିଲେ । ଅନ୍ୟ ବର୍ଣ୍ଣନାନୁଯାୟୀ ହ. ଉମ୍ମେ ସଲମା ଏବଂ ମୈମୁନା ର.ଅ ଆପଣ ସ.ଅଙ୍କ ସହିତ ଥିଲେ । କିନ୍ତୁ ବିଶ୍ୱସ୍ତ ବର୍ଣ୍ଣନାନୁଯାୟୀ ହ. ଉମ୍ମେ ସଲ୍ମା ଏବଂ ହ. ଜୈନବ୍ ର.ଅ ଆପଣ ସ.ଅଙ୍କ ସହିତ ଥିଲେ । **(ଶରହୁଲ୍ ଅଲ୍ଲାମା ଜର୍କାନୀ, ଭାଗ-3, ପୃ-498-499, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-139,149-150,165 ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ସିରତୁନ୍ ନବୱିୟାହ୍ ଲିଇବ୍ନେ ହିଶ୍ଶାମ୍, ପୃ-745, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ଅଲ୍ ଲୁ ଲୁଉଲ୍ ମକ୍ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-251, ଦାରୁସ୍ ସଲାମରୁ ଉଦ୍ଧୃତ)(ଉସ୍‌ଦୁଲ୍ ଗାବା, ଭାଗ-3, ପୃ-549, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ଅତ୍‌ତବକାତୁଲ୍ କୁବ୍ରା, ଲିଇବ୍ନି ସାଆଦ୍, ଭାଗ-6, ପୃ-5, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)(ଅଲ୍ ବଦାୟା ୱନ୍ ନହାଇୟାହ୍, ଭାଗ-7, ପୃ-5, ଦାରେ ହିଜର୍)(ତାରିଖୁଲ୍ ଖମିସ୍, ଭାଗ-2, ପୃ-528, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ମୁସଲମାନମାନଙ୍କ ସଂଖ୍ୟା ସଂପର୍କରେ ଉଲ୍ଲେଖ ରହିଛି ଯେ, ହୁନୈନ୍ ଯୁଦ୍ଧରେ ଇସ୍‌ଲାମୀୟ ସୈନ୍ୟବାହିନୀର ସଂଖ୍ୟା ଯଦିଓ ବିରୋଧୀଙ୍କ ତୁଳନାରେ କମ୍ ଥିଲା । କିନ୍ତୁ ଏପର୍ଯ୍ୟନ୍ତ ସମସ୍ତ ପୂର୍ବ ଯୁଦ୍ଧମାନଙ୍କ ତୁଳନାରେ ମୁସଲମାନମାନଙ୍କର ସୈନ୍ୟ ସଂଖ୍ୟା କମ୍ ଥିଲା । ଅର୍ଥାତ୍ କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ ବରଂ ଅସ୍ତ୍ର ଦୃଷ୍ଟିରୁ ମୁସଲମାନମାନଙ୍କର ସଂଖ୍ୟା ଅଧିକ ଥିଲା ।

ଇମାମ୍ ମୁଗାଜି ଉଲ୍ଲେଖ କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ 12 ହଜାର ମୁସଲମାନମାନଙ୍କ ସହିତ ଯାତ୍ରାର ସଂକଳ୍ପ ନେଇ ବାହାରିଲେ । 10,000 ସାହାବାମାନେ ମଦିନାରୁ ମକ୍କା ବିଜୟ ନିମନ୍ତେ ଆପଣ ସ.ଅଙ୍କ ସହିତ ଆସିଥିଲେ ତନ୍ମଧ୍ୟରୁ 2000 ଲୋକମାନେ ମକ୍କାବାସୀଙ୍କ ମଧ୍ୟରୁ ଆପଣ ସ.ଅଙ୍କ ସହିତ ବାହାରିଥିଲେ । କେତେକ ବର୍ଣ୍ଣନାକାରୀମାନେ ମୁସଲମାନମାନଙ୍କର ସଂଖ୍ୟା 14000 ବୋଲି ଦର୍ଶାଇଛନ୍ତି । କିନ୍ତୁ ଅଧିକାଂଶ ବର୍ଣ୍ଣନାରେ ମୁସଲମାନମାନଙ୍କର ସୈନ୍ୟ ସଂଖ୍ୟା 12000 ବୋଲି ବର୍ଣ୍ଣିତ ହୋଇଛି । ମକ୍କାର 2000 ନବ ଦୀକ୍ଷିତ ମୁସଲମାନମାନେ ମକ୍କା ବିଜୟରେ ସାମିଲ୍ ହୋଇଥିଲେ । ଯେଉଁ ବର୍ଣ୍ଣନାକାରୀମାନେ 14000 ବୋଲି ବର୍ଣ୍ଣନା କରନ୍ତି ସେମାନେ ମଦିନା ଆସୁଥିବା ଲୋକଙ୍କ ସଂଖ୍ୟା ବଦଳରେ 12000 ହଜାର ସଂଖ୍ୟା ବୋଲି ଦର୍ଶାଇଛନ୍ତି । କିନ୍ତୁ ମକ୍କାରୁ ସାମିଲ୍ ହୋଇଥିବା ଲୋକମାନଙ୍କ ସଂଖ୍ୟା 2000 ବୋଲି କୁହାଯାଏ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-233-235, ବଜମେ ଇକ୍‌ବାଲ୍ ଲାହୋର) (ଅଲ୍ ବଦାୟା ୱନ୍ ନହାଇୟାହ୍, ଭାଗ-7, ପୃ-11, ଦାରେ ହିଜର୍) (ସିରତ୍ ଇବ୍ନେ ହିଶ୍ଶାମ୍, ପୃ-763, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ଶରହୁଜ୍ ଜର୍କାନୀ, ଭାଗ-3, ପୃ-498, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହୁନୈନ୍ ପଥ ଦେଇ ଜାତେ ଅନ୍‌ୱାତର ନାମକ ଏକ ବିଶାଳ ବରକୋଳି ବୃକ୍ଷ ରହିଥିଲା । ଉକ୍ତ ବରକୋଳି ବୃକ୍ଷକୁ ଅବିଶ୍ୱାସକାରୀମାନେ ସମ୍ମାନ ପ୍ରଦର୍ଶ କରୁଥିଲେ । ବିଜୟର ଶକୁନ ସ୍ୱରୂପେ ନିଜର ଅସ୍ତ୍ର ସେହି ବରକୋଳି ଗଛ ଉପରେ ଓହଳାଇ ଦେଉଥିଲେ । ଏଠାରେ ମଧ୍ୟ ଏତେକାଫ୍ କରୁଥିଲେ ଏବଂ ବୃକ୍ଷ ପ୍ରତି ଅନାବିଳ ଆସ୍ଥା, ବିଶ୍ୱାସ ଓ ସମ୍ମାନ ପରିପ୍ରକାଶ କରୁଥିଲେ । ଯେତେବେଳେ ଯାତ୍ରୀସମୂହ ସେହି ବୃକ୍ଷ ଦେଇ ଅତିକ୍ରମ କଲା ସେତେବେଳେ ମକ୍କାର କେତେକ ନବାଗତ ମୁସଲମାନମାନେ ଆଁହଜରତ ସ.ଅଙ୍କୁ ଅନୁରୋଧ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କ ନିମନ୍ତେ ମଧ୍ୟ କୌଣସି ବୃକ୍ଷ ନିର୍ଦ୍ଧାରିତ କରି ଦିଅନ୍ତୁ । କାରଣ ସେହି ବୃକ୍ଷରେ ଆମେମାନେ ନିଜର ଅସ୍ତ୍ର ଓହଳାଇ ପାରିବୁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ଅଲ୍ଲାଃହୁ ଅକବର୍ ହେ ମୁସଲମାନମାନେ ! ତୁମେମାନେ ସେହି କଥା କହୁଛି ଯାହା ହ. ମୁସା ଅ.ସଙ୍କୁ ତାଙ୍କର ସଂପ୍ରଦାୟର ଲୋକମାନେ କହିଥିଲେ । ଅର୍ଥାତ୍ يٰمُوۡسَى اجۡعَلۡ لَّنَاۤ اِلٰهًا كَمَا لَهُمۡ اٰلِهَةٌ ؕ قَالَ اِنَّكُمۡ قَوۡمٌ تَجۡهَلُوۡنَ **(ଅଲ୍ ଆରାଫ: 139)** ହେ ମୁସା ! ଯେପରି ସେମାନଙ୍କର ଉପାସ୍ୟ ଅଛନ୍ତି ଆମମାନଙ୍କ ପାଇଁ ମଧ୍ୟ ସେହିପରି କେତେକ ଉପାସ୍ୟ ଗଢିଦିଅ । ମୁସା ଅ.ସ କହିଲେ, "ତୁମେମାନେ ଏକ ନିର୍ବୋଧ ସଂପ୍ରଦାୟ ଅଟ ।" ଆଁହଜରତ ସ.ଅ କହିଲେ, ତୁମେମାନେ ଯେଉଁ ଆଚରଣ ତଥା ଗତିବିଧି ପ୍ରଦର୍ଶନ କରୁଅଛ ସେହି ଆଚରଣ ପ୍ରଦର୍ଶନ କରିବା ଦ୍ୱାରା ତୁମେମାନେ ଅବଶ୍ୟ ପୂର୍ବ ଲୋକମାନଙ୍କର ପଦାଙ୍କ ଅନୁସରଣ କରିବ । **(ସୁନନୁତ୍ ତିର୍ମିଜି, କିତାବୁଲ୍ ଫିତନ୍, ବାବ୍- ମା ଯାଆ ଲ ତର୍‌କବନ୍ନା ମିନ୍ କାନା କବ୍‌ଲିକୁମ୍, ହଦିସ୍ ନଂ-2180) (ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-153, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-241, ବଜମେ ଇକ୍‌ବାଲ୍ ଲାହୋର)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ କହି ସାରିଛି ଯେ, ହୁନୈନ୍ ଯୁଦ୍ଧ ନିମନ୍ତେ 2000 ନବାଗତ ମୁସଲମାନ ଯୁବକମାନେ ମଧ୍ୟ ସାମିଲ୍ ହେଲେ । ସେହି ଯୁବକମାନଙ୍କ ମନରେ ଇସ୍‌ଲାମ୍ ଧର୍ମ ଓ ବିଶ୍ୱାସ ଏତେ ପ୍ରବିଷ୍ଟ ତଥା ଆସନ୍ନିତ ମଧ୍ୟ ହୋଇ ନଥିଲା, ଯୁଦ୍ଧ ଅଭିଜ୍ଞତା ମଧ୍ୟ ବିଶେଷ କିଛି ନଥିଲା । ଏପର୍ଯ୍ୟନ୍ତକି ସେମାନେ ଅସ୍ତ୍ରଶସ୍ତ୍ରର ମଧ୍ୟ ବିଶେଷ କିଛି ବ୍ୟବସ୍ଥା କଲେ ନାହିଁ । ଏହି ଲୋକମାନଙ୍କ ଯୋଗୁଁ ହୁନୈନ୍ ଯୁଦ୍ଧରେ ଦଳାଚକଟା ହୋଇଥିଲା ଏବଂ ଏମାନେ ହିଁ ସମସ୍ୟା ଓ ପରାଜୟର ମୁଖ୍ୟ କାରଣ ହୋଇଥିଲେ । ସେହିପରି ମକ୍କାରୁ କିଛି ଲୋକମାନେ ନବୀ କରୀମ୍ ସ.ଅଙ୍କ ସହିତ ବାହାରିଥିଲେ । ଏମାନେ ମୁସଲମାନ ନଥିଲେ । କିଛି ଲୋକ ଅଶ୍ୱାରୋହୀ ଥିଲେ ଓ ଆଉ କିଛି ଲୋକ ପଦାତିକ ଥିଲେ । ଏପର୍ଯ୍ୟନ୍ତକି ମହିଳାମାନେ ମଧ୍ୟ ସାଙ୍ଗରେ ବାହାରି ପଡ଼ିଲେ । ଏହି ମହିଳାମାନେ କେବଳ ଏହା ଦେଖିବା ନିମନ୍ତେ ସାଙ୍ଗରେ ବାହାରିଥିଲେ ଯେ, ଯୁଦ୍ଧର ପରିଣାମ କ'ଣ ହେଉଛି ? ଯଦି ମୁସଲମାନମାନେ ବିଜୟୀ ହେଲେ ତେବେ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନ ସମ୍ପଦ) ମିଳିଯିବ ଓ ସେହି ମହିଳାମାନଙ୍କର ଅଭିପ୍ରାୟ ଓ ସ୍ୱାର୍ଥ କେବଳ ମାଲେ ଗନିମତ୍ ପ୍ରାପ୍ତି ଥିଲା । ରସୁଲୁଲ୍ଲାଃ ସ.ଅଙ୍କ କିମ୍ବା ସାହାବାମାନଙ୍କର କୌଣସି କ୍ଷତି ଘଟୁ କିମ୍ବା ଆପଣ ସ.ଅ ଓ ସାହାବାମେନେ ଆହତ ହୁଅନ୍ତୁ, ତହିଁରୁ ସେହି ମହିଳାମାନଙ୍କର କିଛି ଯାଏ ଆସେ ନାହିଁ। ସେହି ମହିଳାମାନଙ୍କର ଏକ ଅଂଶ କେବଳ ଦର୍ଶକ ରୂପେ ସୈନ୍ୟବାହିନୀ ସହିତ ସାମିଲ୍ ହୋଇଥିଲା । ସେହି ମହିଳାମାନଙ୍କ ମଧ୍ୟରେ କେତେକ ମହିଳା ଅବିଶ୍ୱାସକାରୀ ମଧ୍ୟ ଥିଲେ । ସେହି ମହିଳାମାନେ ଅବିଶ୍ୱାସକାରୀତା ଅବସ୍ଥାରେ ହିଁ ସାଙ୍ଗରେ ସାମିଲ୍ ହୋଇଥିଲେ ।

ସେହି ଅବିଶ୍ୱାସକାରୀ ମହିଳାମାନଙ୍କର ସଂଖ୍ୟା ପାଖାପାଖି 80 ଥିଲା । ଫଳତଃ ଜୀବନୀ ଲେଖାଳୀମାନେ ଏହା ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ, ଏହା ହେଉଛି ପ୍ରଥମ ଯୁଦ୍ଧ ଯହିଁରେ ନବୀ କରୀମ୍ ସ.ଅ ଅବିଶ୍ୱାସକାରୀମାନଙ୍କ ଠାରୁ ସାହାଯ୍ୟ ଲୋଡ଼ିଥିଲେ। ଅପରପକ୍ଷେ ଏହା ପୂର୍ବରୁ ନବୀ କରୀମ୍ ସ.ଅ ସର୍ବଦା ଅବିଶ୍ୱାସକାରୀମାନଙ୍କୁ ଯୁଦ୍ଧରେ ସାମିଲ୍ କରୁ ନଥିଲେ । କାରଣ ଆପଣ ସ.ଅ କହୁଥିଲେ ଯେ, اِنَّا لَا نَسۡتَعِيۡنُ بِمُشۡرِكٍ ଅର୍ଥାତ୍ ଆମେମାନେ ଅବିଶ୍ୱାସକାରୀମାନଙ୍କ ଠାରୁ ସାହାଯ୍ୟ ଲୋଡୁ ନାହୁଁ । କିନ୍ତୁ ସେମାନଙ୍କ (ଜୀବନୀ ଲେଖାଳୀଙ୍କ) ମୁତାବକ ହୁନୈନ୍ ଯୁଦ୍ଧରେ ଆପଣ ସ.ଅ ପ୍ରଥମ ଥର କରି ଅବିଶ୍ୱାସକାରୀମାନଙ୍କୁ ସାମିଲ୍ କରିଥିଲେ । କିନ୍ତୁ ସଠିକ୍ କଥା ତଥା ସତ୍ୟତା ଏହିକିଯେ, ଆପଣ ସ.ଅ ସାହାଯ୍ୟ ନେଇ ନଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆପଣ ସ.ଅ ଯେତେବେଳେ ବଦର୍ ଯୁଦ୍ଧରେ ମଧ୍ୟ କୌଣସି ଅବିଶ୍ୱାସକାରୀ ବ୍ୟକ୍ତି ଠାରୁ ସାହାଯ୍ୟ ନେବାକୁ ଅସ୍ୱୀକାର କରି ଦେଇଥିଲେ, ସେତେବେଳେ ଆପଣ ସ.ଅଙ୍କୁ ଜଣେ ବ୍ୟକ୍ତିର ମଧ୍ୟ ବହୁତ ଆବଶ୍ୟକତା ଥିଲା ଏବଂ ଜଣେ ବ୍ୟକ୍ତିର ମହତ୍ତ୍ୱ ମଧ୍ୟ ରହିଥିଲା । ବର୍ତ୍ତମାନ ମୁସଲମାନମାନଙ୍କର ଏତେ ସଂଖ୍ୟା ଥିଲା ଯେ, ପବିତ୍ର କୁରଆନ୍ କରୀମ୍ ଅନୁଯାୟୀ ସେମାନଙ୍କର ସଂଖ୍ୟା ସେମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଦେଇଥିଲା । ଅତଏବ୍ ସେହି ମୁଠାଏ ଅବିଶ୍ୱାସକାରୀମାନଙ୍କ ସାହାଯ୍ୟର ଆଁହଜରତ ସ.ଅଙ୍କୁ କାହିଁକି ଆବଶ୍ୟକତା ପଡ଼ିଲା ? ସେଇଥି ପାଇଁ ନବୀ

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

କରୀମ୍ ସ.ଅ କଦାପି କୌଣସି ସ୍ଥାନରେ ଅବିଶ୍ୱାସକାରୀମାନଙ୍କୁ ସୈନ୍ୟବାହିନୀରେ ସାମିଲ୍ କରି ନଥିଲେ ଓ ନା ହିଁ ଆପଣ ସ.ଅ କୌଣସି ଅବିଶ୍ୱାସକାରୀମାନଙ୍କୁ ଯୁଦ୍ଧରେ ସାମିଲ୍ ହେବା ନିମନ୍ତେ କହିଥିଲେ । ବରଂ ଜୀବନୀ ପୁସ୍ତକମାନଙ୍କରେ ଯେଉଁ ସବିଶେଷ ବିବରଣୀ ଉଲ୍ଲିଖିତ ହୋଇଛି ତହିଁରୁ ମଧ୍ୟ ସ୍ୱଷ୍ଟ ହୁଏ ଯେ, ମକ୍କାରୁ ଅନେକ ଲୋକମାନେ ସ୍ୱୟଂ ଯୁଦ୍ଧର ପରିଣାମ ଏବଂ ଦୃଶ୍ୟ ଦେଖିବା ନିମନ୍ତେ ଏବଂ ମାଲେ ଗନିମତ୍ ଲୋଭରେ ସୈନ୍ୟବାହିନୀରେ ସାମିଲ୍ ହୋଇ ଯାଇଥିଲେ । ସେହି ଲୋକମାନଙ୍କର ସ୍ଥିତାବସ୍ଥା କେବଳ ଏତିକି ଥିଲା ଯେ, ମୁସଲମାନମାନେ ତ' ଅବଶ୍ୟ ବିଜୟୀ ହେବେ । ତେଣୁ ଚାଲ ତାମ୍‌ସା ଦେଖିବା ଏବଂ ମାଲେ ଗନିମତ୍ ଲୁଣ୍ଠନ କରିବା । ହଁ କେତେକ ଅବିଶ୍ୱାସକାରୀମାନେ ଦୁଷ୍ପ୍ରକୃତିରେ ମଧ୍ୟ ଥିଲେ । ସେମାନେ ଏହି ଉଦ୍ଦେଶ୍ୟ ରଖି ସୈନ୍ୟବାହିନୀରେ ସାମିଲ୍ ହୋଇଗଲେ ଯେ, ସେମାନେ ମକ୍କାର ବିଜୟ ଓ ନିଜର ତିରସ୍କାରକୁ ଭୁଲିପାରୁ ନଥିଲେ । ଏହିପରି ଲୋକମାନେ ମକ୍କାରେ ନବୀ କରୀମ୍ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଉଦ୍ୟମ କରି ଅସଫଳ ହୋଇ ଏଠାକୁ ମଧ୍ୟ ଚାଲି ଆସିଥିଲେ ଯେ, ଯଦି ଶତ୍ରୁ ମୁସଲମାନମାନଙ୍କୁ ନମାରି ପାରିଲା ତେବେ ଆମେମାନଙ୍କୁ ମୁସଲମାନମାନଙ୍କ ଠାରୁ ପ୍ରତିଶୋଧ ନେବାରେ ସୁଯୋଗ ପ୍ରାପ୍ତ ହୋଇଯିବ ଓ ନବୀ କରୀମ୍ ସ.ଅଙ୍କୁ ନାଉଜୁବିଲ୍ଲାଃ ହତ୍ୟା କରି, ନିଜର ପ୍ରତିଶୋଧ ନେଇ ହୃଦୟକୁ ଶାନ୍ତି ମିଳିବ । ସେ ଯାହା ହେଉ 12000 ସୈନ୍ୟବାହିନୀ ମକ୍କାରୁ ବାହାରିଲା ଏବଂ ତିନି ଦିନ ଯାତ୍ରା ଏବଂ ଅନ୍ୟ କେତେକ ବର୍ଣ୍ଣନାକାରୀଙ୍କ ମତରେ 5 ଦିନ ଧରି ଯାତ୍ରା କରିବା ପରେ ହୁନୈନ୍‌ର ଉପତ୍ୟକାରେ ସେମାନେ ପହଞ୍ଚିଲେ । ମାର୍ଗରେ ଯେତେବେଳେ କୌଣସି ଢାଲ କିମ୍ବା କୌଣସି ଖଡ଼୍‌ଗ କିମ୍ବା ସାହାବାମାନଙ୍କର କୌଣସି ଜିନିଷ ପଡ଼ି ଯାଉଥିଲା ସେତେବେଳେ ଅବୁ ସୁଫିୟାନ୍ ବିନ୍ ହର୍ବ ରସୁଲୁଲ୍ଲାଃ ସ.ଅଙ୍କୁ ଡାକ ମାରୁଥିଲେ ଯେ, ହେ ଅଲଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଜିନିଷ ଆମକୁ ଦେଇ ଦିଆଯାଉ । କାରଣ ଆମେମାନେ ଏହି ଜିନିଷ ସବୁ ଗୋଟାଇଛୁ। ଏପର୍ଯ୍ୟନ୍ତକି ସେହି ଅବିଶ୍ୱାସକାରୀମାନଙ୍କର ଓଟ ମଧ୍ୟ ଜିନିଷ ପତ୍ର ଦ୍ୱାରା ପରିପୂର୍ଣ୍ଣ ହୋଇଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ସହଲ୍ ବିନ୍ ହନ୍‌ଜଲି ର.ଅ ବର୍ଣ୍ଣନା କରନ୍ତି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ହୁନୈନ୍ ଯୁଦ୍ଧ ଦିନ ଚାଲୁଥିଲେ । ସେ ଦୀର୍ଘ ପଥ ଯାତ୍ରା କଲେ । ଏପର୍ଯ୍ୟନ୍ତକି ସନ୍ଧ୍ୟା ହୋଇଗଲା । ତେଣୁ ମୁଁ ରସୁଲ୍ଲାଃ ସ.ଅଙ୍କ ସହିତ ନମାଜ୍‌ରେ ସାମିଲ୍ ହେଲି । ଠିକ୍ ଏତିକିବେଳେ ଜଣେ ଆରୋହୀ ବ୍ୟକ୍ତି ଆସିଲା ଏବଂ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତବହ ! ମୁଁ ଆପଣ ସ.ଅଙ୍କ ଆଗେ ଆଗେ ଗଲି । ଏପର୍ଯ୍ୟନ୍ତକି ମୁଁ ଅମକ ଅମକ ପର୍ବତ ଉପରେ ଯେତେବେଳେ ଚଢିଲି ସେତେବେଳେ ମୁଁ ଦେଖିଲି ଯେ, ହୱାଜିନ୍ ସଂପ୍ରଦାୟର ଲୋକମାନେ ନିଜର ମହିଳାମାନଙ୍କୁ (ପତ୍ନିମାନଙ୍କୁ) ଓଟମାନଙ୍କୁ, ଛେଳୀମାନଙ୍କୁ ଓ ପାଳିତ ଜୀବମାନଙ୍କୁ ଧରି ଏକତ୍ରିତ ହୋଇଛନ୍ତି । ତେବେ ରସୁଲୁଲ୍ଲାଃ ସ.ଅ ସ୍ମିତ ହାସ୍ୟ ପ୍ରକାଶ କଲେ ଏବଂ କହିଲେ, କାଲି **ଇନ୍‌ଶାଅଲ୍ଲାଃ** ଏହି ସମସ୍ତ ଜିନିଷ ମୁସଲମାନମାନଙ୍କର ମାଲେ ଗନିମତ୍ ହେବ। ଆପଣ ସ.ଅ ପୁନଶ୍ଚ କହିଲେ, ହେ ମୁସଲମାନମାନେ ! ଆଜି ରାତିରେ କିଏ ମୋର ସୁରକ୍ଷା ପ୍ରହରା ଦେବ ? ହ. ଅନସ୍ ବିନ୍ ଅବି ମର୍ସଦ୍ ର.ଅ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆଜି ରାତିରେ ମୁଁ ଆପଣ ସ.ଅଙ୍କ ନିମନ୍ତେ ପ୍ରହାର ଦେବି। ସୁତରାଂ ଆପଣ ସ.ଅ କହିଲେ, ହେ ଅନସ୍ ବିନ୍ ଅବି ମର୍ସଦ୍ ! ତାହା ହେଲେ ତୁମେ ବାହାନ ଉପରେ ଆରୋହଣ ହୋଇଯାଅ । ଅତଏବ୍ ହ. ଅନସ୍ ବିନ୍ ଅବି ମର୍ସଦ୍ ନିଜର ଅଶ୍ୱ ଉପରେ ଆରୋହଣ ହେଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲେ । ରସୁଲୁଲ୍ଲାଃ ସ.ଅ ତାଙ୍କୁ କହିଲେ, ହେ ଅନସ୍ ! ସେହି ଘାଟିକୁ ଯାଅ । ଉକ୍ତ ପ୍ରହରା ଆଁହଜରତ ସ.ଅଙ୍କ ନିମନ୍ତେ ଉଦ୍ଦିଷ୍ଟ ନଥିଲା । ବରଂ ଆପଣ ସ.ଅ ଆଖାପାଖ ଅଞ୍ଚଳର ଖବର ସଂଗ୍ରହ କରିବା ନିମନ୍ତେ କହିଥିଲେ । ତେଣୁ ଆପଣ ସ.ଅ ହ. ଅନସ୍‌ଙ୍କୁ କହିଲେ, ହେ ଅନସ୍ ବିନ୍ ଅବି ମୁର୍ସଦ୍ ! ତୁମେ ଉଚ୍ଚ ସ୍ଥାନକୁ ଚାଲିଯାଅ ଏବଂ ତୁମ ଯୋଗୁଁ ରାତିରେ ମୋତେ ଧୋକା ଓ ଭ୍ରମ ନଲାଗୁ । ଅର୍ଥାତ୍ ଏପରି ନହେଉ ଯେ, ତୁମେ ଅବଚେତନ ହୋଇଯିବ ଏବଂ ଶତ୍ରୁ ତୁମକୁ ଧୋକା ଦେଇଦେବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ସକାଳ ହେଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ନିଜର ନମାଜ୍ ସ୍ଥଳ ନିମନ୍ତେ (ଅଭିମୁଖେ) ବାହାରିଲେ । ଆପଣ ସ.ଅ ଫଜର୍‌ର ଦୁଇ ରକାତ୍ ସୁନ୍ନତା ପାଠ କଲେ । ନମାଜ ନିମନ୍ତେ ତକ୍‌ବିର୍ ଦିଆଗଲା ଏବଂ ରସୁଲୁଲ୍ଲାଃ ସ.ଅ ନମାଜ ପାଠ କରିବାକୁ ଲାଗିଲେ । ଆପଣ ସ.ଅଙ୍କ ମୁହଁ ଘାଟି ଆଡ଼କୁ ଥିଲା । ଯେତେବେଳେ ଆପଣ ସ.ଅ ନମାଜ୍ ପାଠ କରିନେଲେ ଏବଂ ଉଭୟ ପାର୍ଶ୍ୱରେ ସଲାମ୍ କରିନେଲେ ସେତେବେଳେ କହିଲେ, ହେ ସାହାବାମାନେ! ତୁମେମାନେ ପ୍ରସନ୍ନ ହୋଇଯାଅ ! ତୁମମାନଙ୍କୁ ଶୁଭ ସୂଚନା ଦିଆଯାଉଛି ଯେ, ତୁମମାନଙ୍କର ଅଶ୍ୱାରୋହୀ ଆସିଯାଇଅଛି । ଅର୍ଥାତ୍ ଯେଉଁ ବ୍ୟକ୍ତି (ହ. ଅନସ୍ ବିନ୍ ଅବି ମର୍ସଦ)କୁ ଡିୟୁଟିରେ ମୁତୟନ କରାଯାଇଥିଲା ସେହି ବ୍ୟକ୍ତି ଆସିଯାଇଅଛି। ସାହାବାମାନେ କୁହନ୍ତି ଯେ, ଆମେମାନେ ଘାଟିରେ ବୃକ୍ଷମାନଙ୍କରେ ଦେଖିବାକୁ ଲାଗିଲୁ ଯେ, କାହିଁ କିଏ ଆସିଗଲା ? ଏପର୍ଯ୍ୟନ୍ତକି ସେହି ବ୍ୟକ୍ତି ଆସିଗଲା ଏବଂ ରସୁଲୁଲ୍ଲାଃ ସ.ଅଙ୍କ ପାଖରେ ଆସି ଛିଡ଼ା ହୋଇଗଲା । ସେ ସଲାମ୍ (ନମସ୍କାର) କଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଚାଲିଲି ଚାଲିଲି ଏପର୍ଯ୍ୟନ୍ତକି ମୁଁ ସେହି ଉପତ୍ୟକାର ଉଚ୍ଚ ସ୍ଥାନ ଉପରେ ଚଢିଗଲି, ଯେଉଁଠି ଆପଣ ସ.ଅ ମୋତେ ଯିବା ନିମନ୍ତେ ଆଦେଶ ଦେଇଥିଲେ । ଯେତେବେଳେ ସକାଳ ହେଲା ସେତେବେଳେ ମୁଁ ଉଭୟ ଉପତ୍ୟକାରେ ଚଢିଲି । ମୁଁ ଦେଖିଲି, କିନ୍ତୁ ମୋତେ କେହି ବି ଦିଶିଲା ନାହିଁ। ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ, ବସ୍ସ ! ତୁମେ ରାତ୍ର ସମୟରେ ତଳକୁ ଓହ୍ଲାଇ ଥିଲ କି ? ସେହି ବ୍ୟକ୍ତି ଜଣକ କହିଲା, ନାହିଁ ତ' ମୁଁ ତ' କେବଳ ଶୌଚ ଏବଂ ନମାଜ୍ ପାଠ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ସକାଶେ ତଳକୁ ଓହ୍ଲାଇ। ନଥିଲି। ରସୁଲୁଲ୍ଲାଃ ସ.ଅ ସେହି ବ୍ୟକ୍ତିକୁ କହିଲେ, ବସ୍ସ ! ତୁମ ନିମନ୍ତେ ବୈକୁଣ୍ଠ ଅନିର୍ବାର୍ଯ୍ୟ ହୋଇଗଲା । ତୁମେ ଭଲ ଡିୟୁଟି ଦେଇଛ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ଣ୍ଣନାରେ ଅବିଶ୍ୱାସକାରୀମାନଙ୍କର ଗୁପ୍ତଚର ଓ ଗୁଇନ୍ଦାମାନଙ୍କର ମଧ୍ୟ ଚର୍ଚ୍ଚା ମିଳେ ।

ରସୁଲୁଲ୍ଲାଃ ସ.ଅ 10 ଶୱାଲ୍ ମଙ୍ଗଳବାର ଦିନ ଇଶା ସମୟରେ ହୁନୈନ୍ ଠାରେ ପହଞ୍ଚି ଯାଇଥିଲେ । ମାଲିକ୍ ବିନ୍ ଔଫ୍ ହୱାଜିନ୍ ସଂପ୍ରଦାୟର ତିନିଜଣ ବ୍ୟକ୍ତିଙ୍କୁ ଗୁଇନ୍ଦା ରୂପେ ପ୍ରେରଣ କଲେ । କାରଣ ସେମାନେ ମୁସଲମାନମାନଙ୍କର ସୈନ୍ୟବାହିନୀରେ ବୁଲି ସମୀକ୍ଷା କରନ୍ତୁ ଓ ସମସ୍ତ ବୃତ୍ତାନ୍ତ ଆସି ଦିଅନ୍ତୁ । କିନ୍ତୁ ସେହି ତିନି ଜଣ ବ୍ୟକ୍ତିମାନେ ଯେତେବେଳେ ଫେରିଲେ ସେତେବେଳେ ସେମାନେ ଆବାକ୍ ଓ ଆଶ୍ଚର୍ଯ୍ୟଚକିତ ଥିଲେ । ମାଲିକ୍ ବିନ୍ ଔଫ୍ କହିଲା, ତୁମମାନଙ୍କର ଅନିଷ୍ଟ ହେଉ! ତୁମମାନଙ୍କୁ କ'ଣ ହୋଇଯାଇଛି ? ସେମାନେ ଉତ୍ତର ଦେଲେ ଯେ, ଆମେମାନେ ଅଶ୍ୱ ଉପରେ ଧବଳ ବର୍ଣ୍ଣର ଲୋକମାନଙ୍କୁ ଦେଖିଛୁ । ଆମେମାନେ ଅଲ୍ଲାଃତାଲାଙ୍କର ରାଣ ଖାଇ କହୁଛୁ ଯେ, ଯଦି ଯୁଦ୍ଧ ହୋଇଗଲା ତେବେ ଆମେମାନେ ସେହି ସ୍ଥିତିକୁ ନିୟନ୍ତ୍ରଣ କରି ପାରିବୁ ନାହିଁ । ଆମେମାନେ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛୁ ଯେ, ଯଦି ଆମେମାନେ ମର୍ତ୍ତ୍ୟମଣ୍ଡଳବାସୀଙ୍କ ସହିତ ଯୁଦ୍ଧ କରିବାକୁ ସକ୍ଷମ ନାହୁଁ ତେବେ ଆକାଶଲୋକଙ୍କ ସହିତ ଆମେମାନେ କିପରି ଯୁଦ୍ଧ କରି ପାରିବୁ ? ଯଦି ତୁ ଆମମାନଙ୍କର କଥା ମାନୁଛୁ ତାହାହେଲେ ତୁ ନିଜ ଜାତିର ଲୋକମାନଙ୍କ ସହିତ ଫେରିଯା । ଯେଉଁ ଦୃଶ୍ୟ ଆମେମାନେ ଦେଖିଲୁ, ଯଦି ଲୋକମାନେ ମଧ୍ୟ ସେହି ଦୃଶ୍ୟ ଦେଖି ନିଅନ୍ତେ ତେବେ ସେମାନଙ୍କୁ ସେହି କଷ୍ଟ ହେବ ଯାହା ଆମମାନଙ୍କୁ କଷ୍ଟ ହୋଇଛି। ସେ କହିଲା, ତୁମମାନଙ୍କର ସର୍ବନାଶ ହେଉ ! ତୁମେମାନେ ସୈନ୍ୟବାହିନୀ ମଧ୍ୟରୁ ସର୍ବାଧିକ ଭୀରୁ ଓ କାପୁରୁଷ ଅଟ । ସେ ଭୟରେ ସେମାନଙ୍କୁ ଲୁଚାଇ ଦେଲା ଏବଂ ବାହାରକୁ ଯିବାକୁ ଦେଲା ନାହିଁ । କାରଣ ଉକ୍ତ ସୂଚନା ଯେପରି ସୈନ୍ୟବାହିନୀରେ ନପହଞ୍ଚି ଯାଉ । ସେ କହିଲା, ମୋତେ ଏକ ସାହସୀ ବ୍ୟକ୍ତି ସଂପର୍କରେ ସୂଚନା ଆଣି ଦିଅ । ଯେଉଁ ଲୋକମାନେ ସେଠାରେ ଉପସ୍ଥିତ ଥିଲେ ସେମାନେ ସମସ୍ତେ ଗୋଟିଏ ବ୍ୟକ୍ତି ସପକ୍ଷରେ ସହମତି ପ୍ରକାଶ କଲେ ଯେ, ଅମକ ବ୍ୟକ୍ତିଟି ଅତି ସାହସୀ ବ୍ୟକ୍ତି ଲାଗୁଛି ତ' । ଅତଏବ୍ ସେହି ବ୍ୟକ୍ତିକୁ ମାଲିକ୍ ବିନ୍ ଔଫ୍ ପ୍ରେରଣ କଲା ଏବଂ ସେହି ବ୍ୟକ୍ତି ବାହାରିଲା ମଧ୍ୟ । ସେହି ବ୍ୟକ୍ତି ମଧ୍ୟ ଶୀଘ୍ର ଫେରି ଆସିଲା । ସେ ମଧ୍ୟ ସେହିପରି ଭୀତ ତ୍ରସ୍ତ ଥିଲା ଯେପରି ପୂର୍ବ ତିନିଜଣ ବ୍ୟକ୍ତିମାନେ ଭୀତତ୍ରସ୍ତ (ଭୟଭୀତ) ହୋଇଯାଇଥିଲେ । ମାଲିକ୍ ବିନ୍ ଔଫ୍ ପଚାରିଲା ଯେ, ହେ ବ୍ୟକ୍ତି ! ତୁମେ କ'ଣ ଦେଖିଲ ? ସେହି ବୀର ବ୍ୟକ୍ତି ଜଣକ ଏହି ଉତ୍ତର ଦେଲା ଯେ, ଆଜ୍ଞା ମୁଁ ଏପରି ଧଳା ରଙ୍ଗର ଲୋକମାନଙ୍କୁ ଚିତ୍ତି ରଙ୍ଗର ଅଶ୍ୱ ଉପରେ ଆରୋହଣ ହୋଇଥିବା ଦେଖିଛି । ସେହି ଲୋକମାନଙ୍କ ଆଡ଼କୁ ଦେଖିବାକୁ ମୋର ସାମର୍ଥ୍ୟ ନାହିଁ। ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ଯେ, ମୋତେ ସେହି ଭୟ ଗ୍ରାସ କରିଛି ଏବଂ ମୁଁ ହେଉଛି ସେହି ବ୍ୟକ୍ତି ଯାହାକୁ ତୁ ନିଜ ସାମ୍ନାରେ ଛିଡ଼ା ହୋଇଥିବାର ଦେଖୁଛୁ। ହେ ମାଲିକ୍ ! ଏହା ଉଚିତ୍ ହେବ ଯେ, ଆମେମାନେ ଏଠାରୁ ଫେରିଯିବୁ । କିନ୍ତୁ ଏସବୁ ସତ୍ତ୍ୱେ ମାଲିକ୍ ବିନ୍ ଔଫ୍ ନିଜର ସଂକଳ୍ପରୁ ଓହରିଲା ବା କ୍ଷାନ୍ତ ହେଲା ନାହିଁ । ଶତ୍ରୁର ଗୁଇନ୍ଦାମାନେ ଯେଉଁ ସାକ୍ଷ୍ୟର ଚର୍ଚ୍ଚା କରିଛନ୍ତି, ଜିବନୀ ଲେଖାଳୀମାନଙ୍କ ବର୍ଣ୍ଣନାନୁଯାୟୀ ସାକ୍ଷ୍ୟର ଦୁଇ ପକ୍ଷ ଯଥାର୍ଥ ହୋଇପାରେ । ଗୋଟିଏ ଗୋଷ୍ଠୀର ଏହି ଧାରଣା ରହିଛି ଯେ, ସେହି ଗୁଇନ୍ଦୀମାନେ ଦେବଦୂତମାନଙ୍କୁ ଦେଖିଲେ ଏବଂ ସେମାନଙ୍କୁ ଦେଖି ଭୟଭୀତ ହୋଇଗଲେ । ଅପରପକ୍ଷେ ଅନ୍ୟ ଏକ ଗୋଷ୍ଠୀର ଏହି ଧାରଣା ହୋଇଥାଇ ପାରେ ଯେ, ସେମାନେ ଯେତେବେଳେ ମୁସଲମାନମାନଙ୍କର ସୈନ୍ୟବାହିନୀକୁ ଦେଖିଲେ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସେତେବେଳେ ସେମାନଙ୍କ ଉପରେ ଏକ ଐଶ୍ୱରିକ ଭୟ ସଂପ୍ରସାରିତ ହେଲା । ଫଳତଃ ସେମାନେ ଭୟଭୀତ ହୋଇଗଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-153, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ହୁନୈନ୍ ଯୁଦ୍ଧ, ଲେଖକ-ମୁହମ୍ମଦ ଅହମଦ ବାଶ୍ମିଲ୍, ପୃ-111, 123-125, ନଫିସ୍ ଏକାଡେମୀରୁ ଉଦ୍ଧୃତ) (ଦଲାଇଲୁନ୍ ନୁବୁୱାହ୍, ଭାଗ-5, ପୃ-130, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ସୁନନ୍ ଅବୁ ଦାଉଦ୍ କିତାବୁଲ୍ ଜିହାଦ୍ ବାବ୍- ଫଜ୍ଲୁଲ୍ ହର୍ସି ଫି ସବିଲିଲ୍ଲାଃହି, ହଦିସ୍ ନଂ-2501, ବାବ୍-ଫିଲ୍ ମଶ୍ରିକିହିମ୍ ଲହୁ, ହଦିସ୍ ନଂ-2732)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-235-241, ବଜ୍ମେ ଇକବାଲ୍ ଲାହୋର) (ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-316, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍) (ଅଲ୍ ଲୁ ଲୁଉଲ୍ ମକ୍ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-245-246, 252, ଦାରୁସ୍ ସଲାମ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ସଲ୍ମା ବିନ୍ ଅକ୍ୱା ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଆପଣ ସ.ଅଙ୍କ ସାଥିରେ ହୱାଜିନ୍ ସଂପ୍ରଦାୟ ଉପରେ ଆକ୍ରମଣ କଲୁ ଏବଂ ଇତି ମଧ୍ୟରେ ଚାସ୍ତ (ଏକ ନମାଜ ଯାହା ସୂର୍ଯ୍ୟୋଦୟ ହେବା ପରେ ଦିନ ବଢିବା ପରେ ପାଠ କରାଯାଇଥାଏ) ସମୟେର ଜଣେ ବ୍ୟକ୍ତି ଓଟ ଉପରେ ଆରୋହଣ ହୋଇ ଆସିଲା ଆମେମାନେ ସେତେବେଳେ ଆପଣ ସ.ଅଙ୍କ ସହିତ ଭୋଜନ ଖାଉଥିଲୁ । ସେହି ବ୍ୟକ୍ତି ଜଣକ ନିଜର ଓଟ ବସାଇ ଓଟର ପଘା ବାନ୍ଧିଲା ଏବଂ ଆଗକୁ ଅଗ୍ରସର ହୋଇ ସାହାବାମାନଙ୍କ ସହିତ ବସିଗଲା ଓ ସାହାବାମାନଙ୍କ ସହିତ ଖାଦ୍ୟ ଖାଇଲା । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ସେହି ବ୍ୟକ୍ତି ଜଣକ ଲୋକମାନଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲା । ସାହାବାମାନେ କହିଲେ, ଆମେମାନେ କ୍ଲାନ୍ତ (ଥକି) ହୋଇଯାଇଥିଲୁ, ବାହାନ ମଧ୍ୟ ସ୍ୱଳ୍ପ ସଂଖ୍ୟକ ଥିଲା । ସେହି ବ୍ୟକ୍ତି ଜଣକ ସେମାନଙ୍କ (ସାହାବାମାନଙ୍କ) ସହିତ କଥାବାର୍ତ୍ତା ହେବା ପରେ ଦ୍ରୁତ ଗତିରେ ନିଜର ଓଟ ଆଡ଼କୁ ଗଲା ଏବଂ ଶୀଘ୍ର ଓଟର ପଘା ଫିଟାଇଲା ଓ ଓଟ ଉପରେ ଆରୋହଣ ହୋଇ ତୁରନ୍ତ ଓଟକୁ ଯେତେବେଳେ ଦ୍ରୁତ ବେଗରେ ଦଉଡ଼ାଇବାକୁ ଲାଗିଲା ସେତେବେଳେ ନବୀ କରୀମ୍ ସ.ଅ ତା'କୁ ଦେଖିନେଲେ ଏବଂ କହିଲେ, ହେ ସାହାବାମାନେ ! ସେହି ବ୍ୟକ୍ତିକୁ ଧର ଧର, ଏଇଟା ପରା ଗୁଇନ୍ଦା। ଏହି ବ୍ୟକ୍ତିକୁ ଧରି ଏହାର ସଂହାର କରିଦିଅ । ବନୁ ଅସ୍ଲମ୍ ସଂପ୍ରଦାୟ ମଧ୍ୟରୁ ଜଣେ ବ୍ୟକ୍ତି ଓଟ ଉପରେ ଆରୋହଣ ହୋଇ ସେହି ଗୁଇନ୍ଦା ବ୍ୟକ୍ତିର ପିଛା କରିବାକୁ ଲାଗିଲା। ହ. ସଲ୍ମା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜର ଓଟ ଉପରେ ଆରୋହଣ ହୋଇ ସେହି ବ୍ୟକ୍ତି ପଛରେ ଧାଇଁଲି । ମୁଁ ଯେତେବେଳେ ସେହି ବ୍ୟକ୍ତି ପାଖରେ ପହଞ୍ଚିଗଲି ଆଗକୁ ଯାଇ ସେହି ବ୍ୟକ୍ତିର ଓଟର ମଙ୍ଗକୁ ଧରି ପକାଇଲି ଏବଂ ତା'ର ଓଟକୁ ମୁଁ ବସାଇ ଦେଲି । ସେହି ବ୍ୟକ୍ତି ଅର୍ଥାତ୍ ଗୁଇନ୍ଦା ଜଣକ ଯେତେବେଳେ ନିଜର ଆଣ୍ଠୁ ଭୂମି ଉପରେ ରଖିଲା ସେତେବେଳେ ମୁଁ ସେହି ବ୍ୟକ୍ତି ଉପରେ ପ୍ରହାର କଲି ଏବଂ ସେହି ବ୍ୟକ୍ତିର ସ୍କନ୍ଧଚ୍ୟୁତ କରିଦେଲି । ଫଳତଃ ସେହି ବ୍ୟକ୍ତି ତଳେ ପଡ଼ିଗଲା। ମୁଁ ସେହି ବ୍ୟକ୍ତିର ଓଟ, ଅସ୍ତ୍ରଶସ୍ତ୍ର ଏବଂ ଜିନିଷ ପତ୍ର ସବୁ ଜବତ୍ କରିନେଲି ଓ ମୁଁ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଗଲି । ଆପଣ ସ.ଅ ଲୋକମାନଙ୍କୁ ପଚାରିଲେ ଯେ, ଏହି ବ୍ୟକ୍ତିକୁ କିଏ ସଂହାର କଲା ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ବ୍ୟକ୍ତିକୁ ଇବ୍ନେ ଅକୱା ସଂହାର କରିଛନ୍ତି । ଆପଣ ସ.ଅ କହିଲେ, ତେବେ ଏହି ସମସ୍ତ ଜିନିଷ ପତ୍ର ମଧ୍ୟ ଅକ୍ୱାର ଅଟେ । **(ବୁଖାରୀ କିତାବୁଲ୍ ଜିହାଦ୍, ବାବ୍- ଅଲ୍ ହର୍ବି ଇଜା ଦଖଲା ଦାରୁସ୍ ସଲାମ୍ ବିଗୈରି ଇମାନ୍, ହଦିସ୍ ନଂ-3051) (ମୁସ୍ଲିମ୍, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍-ଇସ୍ତିହକାକ୍ ଅଲ କିତାଲି ସଲବଲ୍ କତିଲି, ହଦିସ୍ ନଂ-1754) (ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-336-337, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-250-251, ବଜ୍ମେ ଇକବାଲ୍ ଲାହୋର୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହୁନୈନ୍ ଯୁଦ୍ଧ ସମୟର ଶତ୍ରୁ ସଂଖ୍ୟା କେତେବେଳେ 30 ହଜାର ବର୍ଣ୍ଣନା କରାଯାଇଥାଏ ତ' ଆଉ କେତେବେଳେ 20 ହଜାର ବୋଲି ବର୍ଣ୍ଣନା କରାଯାଏ ଏବଂ ଆଉ କେତେବେଳେ 4 ହଜାର୍ ବୋଲି ବର୍ଣ୍ଣନା କରାଯାଏ । ଏହାର ସବିଶେଷ ବିବରଣୀ ଏହିପରି ଯେ, ପ୍ରତିପକ୍ଷ ଶତ୍ରୁ ଯୋଦ୍ଧାମାନଙ୍କର ସଂଖ୍ୟା 20 ହଜାର ଥିଲା । ଯଦି ସେମାନଙ୍କର ସ୍ତ୍ରୀ ଓ ପିଲା ଛୁଆମାନଙ୍କୁ ହିସାବ କରାଯାଏ ତେବେ ଏହି ସଂଖ୍ୟା ପ୍ରାୟ 30 ହଜାର ହୋଇଯାଇଥାଏ । ମାଲିକ ବିନ୍ ଔଫ୍ ନିଜ ସୈନ୍ୟବାହିନୀର ସର୍ବଶ୍ରେଷ୍ଠ ଧନୁର୍ଦ୍ଧରମାନଙ୍କୁ ଚୟନ କରି ପର୍ବତ ମଧ୍ୟରେ ଲୁଚାଇ ଦେଲା । ଏହି ଧନୁର୍ଦ୍ଧରମାନେ ଛପି ଓ ଛକି ବସିଥିଲେ । ଏମାନେ ମୁସଲମାନମାନଙ୍କ ଉପରେ ଆଚାନକ ଆକ୍ରମଣ କରି ମୁସଲମାନ ସୈନ୍ୟବାହିନୀ ମଧ୍ୟରେ ବିକ୍ଷିପ୍ତ ଅବସ୍ଥା ସୃଷ୍ଟି କରି ଦେଇଥିଲେ । ଏହି ଯୋଦ୍ଧାମାନଙ୍କର ସଂଖ୍ୟା 4 ହଜାର ଥିଲା ।

ହୁଜୁର ଅନୱର୍ ଅ.ବ କହିଲେ, ବନୁ ହୱାଜିନର ସେନାପତି ମାଲିକ୍ ବିନ୍ ଔଫ୍ ନିଜର ସୈନ୍ୟବାହିନୀର ଧାଡ଼ି ଏପରି କଲା ଯେ, ଯେତେବେଳେ ରାତ୍ରର ଦୁଇ ତୃତୀୟାଂଶ ସମୟ ଅତିବାହିତ ହୋଇଗଲା ସେତେବେଳେ ମାଲିକ୍ ବିନ୍ ଔଫ୍ ନିଜ ସୈନ୍ୟବାହିନୀ ନିକଟକୁ ଗଲା ଏବଂ ସେମାନଙ୍କୁ ହୁନୈନ୍ ଉପତ୍ୟକାରେ ନିର୍ଦ୍ଦିଷ୍ଟ ସ୍ଥାନରେ ଲୁଚାଇଦେଲା। ଉକ୍ତ ଉପତ୍ୟକା ଏପରି ଅଟେ ଯେ, ଉକ୍ତ ଉପତ୍ୟକାରେ ଅନେକ ଘାଟି ଏବଂ (ସଂକୀର୍ଣ୍ଣ ଗିରିପଥ) ଫାଟ ଥିବା ବାଟ ରହିଛି । ସେହି ସ୍ଥାନମାନଙ୍କର ମାଲିକ୍ ବିନ୍ ଔଫ୍ ନିଜର ଯୋଦ୍ଧାମାନଙ୍କୁ ଖେଳାଇ ଦେଲା । ସେମାନେ ମୁସଲମାନମାନଙ୍କୁ ଛକି ବସିଗଲେ । କାରଣ ସେମାନେ ରସୁଲ୍ କରୀମ୍ ସ.ଅ ଓ ସାହାବାମାନଙ୍କ ଉପରେ ସହସା ଆକ୍ରମଣ କରିଦେବେ । ଅବିଶ୍ୱାସକାରୀମାନଙ୍କର ଧାଡ଼ି ଏହିପରି ହୋଇଥିଲା ଯେ, ସର୍ବାଗ୍ରେ ଅଶ୍ୱାରୋହୀମାନେ ଥିଲେ, ସେମାନଙ୍କ ପଛକୁ ପଦାତିକ ସୈନ୍ୟବାହିନୀ, ସେମାନଙ୍କ ପଛକୁ ମହିଳାମାନେ ଏବଂ ସେମାନଙ୍କର ସନ୍ତାନମାନେ, ପୁନଶ୍ଚ ମହିଳା ଓ ଛୋଟ ପିଲାମାନଙ୍କ ପଛକୁ ଧନ ସମ୍ପଦ, ଓଟ, ଛେଳୀ ମେଣ୍ଢାମାନେ ଓ ଅନ୍ୟାନ୍ୟ ପାଳିତ ଜୀବ ତଥା ପଶୁମାନେ ରହିଥିଲେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-229, 246, ବଜ୍ମେ ଇକବାଲ୍ ଲାହୋର) (ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-312, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍) (ହୁନୈନ୍ ଯୁଦ୍ଧ, ଲେଖକ-ମୁହମ୍ମଦ ଅହମଦ ବାଶ୍ମିଲ୍, ପୃ-135, 140 ନଫିସ୍ ଏକାଡେମୀରୁ ଉଦ୍ଧୃତ)(ଅଲ୍ ଲୁ ଲୁଉଲ୍ ମକ୍ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-261, 262, ଦାରୁସ୍ ସଲାମ୍) (ତାରିଖୁଲ୍ ଖମିସ୍, ଭାଗ-2, ପୃ-508, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ଗଜୱାତୁନ୍ ନବୀ ସ.ଅ, ଲେଖକ-ମୁହମ୍ମଦ୍ ଅବଦୁଲ୍ ଅହଦ୍, ପୃ-490-491, ଜାୱିୟା ପବ୍ଲିଶର୍ସ)**

ହୁଜୁର ଅନ୍ୱର୍ ଅ.ବ କହିଲେ, ମକ୍କାରୁ ହୁନୈନ୍ ଅଭିମୁଖେ ବାହାରିବା ସମୟରେ ଆଁହଜରତ୍ ସ.ଅ ବନୁ ସୁଲୈମ୍ ସଂପ୍ରଦାୟର ଏକ ହଜାର ଅଶ୍ୱାରୋହୀ ସୈନ୍ୟବାହିନୀ ଆଗରେ ରଖିଲେ ଏବଂ ଏହାର ନେତୃତ୍ୱ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ପ୍ରଦାନ କରିଥିଲେ । ଯେତେବେଳେ ସୈନ୍ୟବାହିନୀ ଜିରାନା ନାମକ ସ୍ଥାନରେ ପହଞ୍ଚିଲା ସେତେବେଳେ ସକାଳ ସମୟରେ ରସୁଲୁଲ୍ଲାଃ ସ.ଅ ସମସ୍ତ ସୈନ୍ୟବାହିନୀକୁ ମୈମନା ଅର୍ଥାତ୍ ଡାହାଣ ଓ ମୈସରାହ୍ ଅର୍ଥାତ ବାମ ଭାଗ ଓ କଲବ୍ (ମଧ୍ୟ ଭାଗ) ଭାଗରେ ବିଭକ୍ତ କରିଥିଲେ । ରସୁଲ୍ କରୀମ୍ ସ.ଅ ସୈନ୍ୟବାହିନୀର ମଧ୍ୟ ଭାଗରେ ଥିଲେ । ଆପଣ ସ.ଅ ପ୍ରବାସକାରୀମାନଙ୍କ ମଧ୍ୟରେ ଏବଂ ଅନ୍ସାରମାନଙ୍କ ମଧ୍ୟରେ ଧ୍ୱଜା ବାଣ୍ଟିଲେ । ହୁଜୁର ଅନୱର୍ ଅ.ବ କହିଲେ, ପ୍ରବାସକାରୀମାନଙ୍କ ଗୋଟିଏ ଧ୍ୱଜା ଆପଣ ସ.ଅ ହ. ଅଲୀ ର.ଅଙ୍କୁ ପ୍ରଦାନ କରିଥିଲେ । ସେହିପରି ଗୋଟିଏ ଧ୍ୱଜା ଆପଣ ସ.ଅ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ଓ ଆଉ ଏକ ଧ୍ୱଜା ଆପଣ ସ.ଅ ହ. ଉମର୍ ଫାରୁକ୍ ର.ଅଙ୍କୁ ପ୍ରଦାନ କଲେ । ଅନ୍ସାରମାନଙ୍କ ମଧ୍ୟରୁ ଖଜରଜ ସଂପ୍ରଦାୟର ଧ୍ୱଜା ହ. ହୁବ୍ବାବ୍ ବିନ୍ ମୁନ୍ଜର୍ ର.ଅଙ୍କୁ ପ୍ରଦାନ କଲେ ଏବଂ ଔସ୍ ସଂପ୍ରଦାୟର ଧ୍ୱଜା ହ. ଉସୈଦ୍ ବିନ୍ ହୁଜୈର୍ ର.ଅଙ୍କୁ ପ୍ରଦାନ କଲେ । ସେହିପରି ହ. ଅବୁ ବୁର୍ଦା ବିନ୍ ନିୟାର୍ ର.ଅ, ହ. ଅବୁ ଲୁବାବାହ୍ ବିନ୍ ଅବ୍ଦୁଲ୍ ମୁନ୍ଜର୍ ର.ଅ ଓ ହ. କତାଦା ବିନ୍ ନୁମାନ୍ ର.ଅଙ୍କୁ ମଧ୍ୟ ଧ୍ୱଜା ପ୍ରଦାନ କଲେ । ଏତଦ୍‌ଭିନ୍ନ 20ରୁ ଉର୍ଦ୍ଧ୍ୱ ଛୋଟ ଛୋଟ ଧ୍ୱଜା ମଧ୍ୟ ଆପଣ ସ.ଅ ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ବାଣ୍ଟିଥିଲେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-245, ବଜ୍ମେ ଇକବାଲ୍ ଲାହୋର) (ହୁନୈନ୍ ଯୁଦ୍ଧ, ଲେଖକ- ମୁହମ୍ମଦ ଅହମଦ ବାଶମିଲ୍, ପୃ-132, 136 ନଫିସ୍ ଏକାଡେମୀରୁ ଉଦ୍ଧୃତ) (ଅସ୍ ସିରତୁଲ୍ ହଲବିୟାହ୍, ବାଗ-3, ପୃ-153, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହୁନୈନ୍ ଯୁଦ୍ଧ ଦିନ କେହି ଜଣେ ବ୍ୟକ୍ତି କହିଲା କି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆଜି ଆମେମାନେ ଆଉ ସ୍ୱଳ୍ପ ସଂଖ୍ୟକ ହେବା ହେତୁ ପରାଜିତ ହେବୁ ନାହିଁ । ଅର୍ଥାତ୍ ଆଜି ଆମେମାନେ ସଂଖ୍ୟାଧିକ ଅଟୁ । କିନ୍ତୁ ରସୁଲ୍ କରୀମ୍ ସ.ଅ ଉକ୍ତ କଥାକୁ ପସନ୍ଦ କଲେ ନାହିଁ ଏବଂ ଆପଣ ସ.ଅ କହିଲେ, ପବିତ୍ର କୁରଆନ୍ କରୀମ୍ ମଧ୍ୟ ଉକ୍ତ କଥାକୁ ନାପସନ୍ଦ ଦୃଷ୍ଟିରେ ଦେଖି ଏହିପରି ବର୍ଣ୍ଣନା କରିଛି ଯେ, إِذْ أَعْجَبَتْكُمْ كَثْرَتُكُمْ **(ଅତ୍ ତୌବା: 25)** ଅର୍ଥାତ୍ ତୁମମାନଙ୍କର ସଂଖ୍ୟାଧିକତା ତଥା ସଂଖ୍ୟାଗରିଷ୍ଠତା ତୁମମାନଙ୍କୁ ଅହଂକାରରେ ପକାଇ ଦେଇଥିଲା ।

ହୁନୈନ୍ ଯୁଦ୍ଧରେ ପ୍ରାରମ୍ଭିକ ବିଜୟ ମୁସଲମାନମାନଙ୍କର ହୋଇଥିଲା । ପୁନଶ୍ଚ ଶତ୍ରୁ ପକ୍ଷ ତରଫରୁ ଜୋରଦାର୍ ଆକ୍ରମଣ ଯୋଗୁଁ ମୁସଲମାନମାନେ ବିକ୍ଷିପ୍ତ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିକ୍ଷିତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ହୋଇଗଲେ ଏବଂ ଦଳଚକଟା ଆରମ୍ଭ ହୋଇଗଲା । ଉକ୍ତ ବିଷୟ ସଂପର୍କରେ ପୂର୍ବେ ଚର୍ଚ୍ଚା ହୋଇ ସାରିଛି । ମୁସଲମାନମାନଙ୍କୁ ସାମୟିକ ପରାଜୟ ହେଲା ସତ । କିନ୍ତୁ ପରିଶେଷରେ ମୁସଲମାନମାନଙ୍କୁ ଏକ ଭବ୍ୟ ବିଜୟ ପ୍ରାପ୍ତ ହେଲା । ଏହାର ବିସ୍ତୃତ ବିବରଣୀ ଏହିପରି ଅଟେ ଯେ, ହୁନୈନ୍ ଯୁଦ୍ଧ ସଂପର୍କରେ ପ୍ରାୟତଃ ଏହା ବର୍ଣ୍ଣନା କରାଯାଇଥାଏ ଯେ, ମୁସଲମାନମାନଙ୍କର ସୈନ୍ୟବାହିନୀ ସକାଳର ଅନ୍ଧକାରରେ ହୁନୈନ୍‌ର ଉପତ୍ୟକାରେ ପ୍ରବେଶ କଲା । ଅପର ପକ୍ଷେ ଅବିଶ୍ୱାସକାରୀମାନଙ୍କର ସୈନ୍ୟବାହିନୀ ପୂର୍ବରୁ ହିଁ ଉପତ୍ୟକାରେ ପହଞ୍ଚି ସାରିଥିଲା । ଅବିଶ୍ୱାସକାରୀମାନଙ୍କର ସର୍ବୋତ୍ତମ, ଅଭିଜ୍ଞ ଧନୁର୍ଦ୍ଧର ସେହି ଘାଟିରେ ଲୁଚି ରହିଥିଲେ । ମୁସଲମାନମାନେ ସେମାନଙ୍କ ଠାରୁ ଅନବଗତ ଓ ଅବଚେତନ ଅବସ୍ଥାରେ ଉପତ୍ୟକାରେ ପ୍ରବେଶ କଲେ ସେତେବେଳେ ସେହି ଧନୁର୍ଦ୍ଧରମାନେ ସହସା ଆକ୍ରମଣ କରିଦେଲେ । ଯଦ୍ଦ୍ୱାରାକି ମୁସଲମାନମାନଙ୍କ ମଧ୍ୟର ଦଳାଚକଟା ଆରମ୍ଭ ହୋଇଗଲା ଏବଂ ମୁସଲମାନମାନେ ଫେରି ପଳାୟନ କରିବାକୁ ଲାଗିଲା । ଏ ପର୍ଯ୍ୟନ୍ତକି କେବଳ ନବୀ କରୀମ୍ ସ.ଅ ଏବଂ ଆପଣ ସ.ଅଙ୍କ କେତେକ ସାହାବାମାନେ ସେଠାରେ ରହିଗଲେ ଓ ପୁନଶ୍ଚ ଯେତେବେଳେ ନବୀ କରୀମ୍ ସ.ଅ ଅହରହ ଡାକ ମାରିଲେ ସେତେବେଳେ ମୁସଲମାନମାନଙ୍କର ସୈନ୍ୟବାହିନୀ ଲେଉଟି ଆସିଲା ଏବଂ ଶତ୍ରୁ ସହିତ ମୁହାଁମୁହିଁ ହେଲେ । ଶତ୍ରୁ ପକ୍ଷ ଅତି ଶୋଚନୀୟ ଭାବରେ ପରାଜୟ ବରଣ କଲେ ଓ ଶତ୍ରୁ ଯୁଦ୍ଧ ଭୂମି ଛାଡ଼ି ପଳାୟନ କଲା। **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନେ ହିଶ୍ଶାମ୍, ପୃ-764-765, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-317, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ହୁନୈନ୍ ଯୁଦ୍ଧ, ଲେଖକ- ମୁହମ୍ମଦ ଅହମଦ ବାଶ୍‌ମିଲ୍, ପୃ-135-136, 140 ନଫିସ୍ ଏକାଡ଼େମୀରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ହିଶ୍ଶାମ୍‌ଙ୍କ ଯେଉଁ ଜୀବନୀ ରହିଛି ତହିଁରୁ ଉପରୋକ୍ତ ପ୍ରାମାଣ୍ୟ ଉଦ୍ଧୃତ କରାଯାଇଛି । କିନ୍ତୁ ସହି ବୁଖାରୀରେ ଏକ ବର୍ଣ୍ଣନା ଉଲ୍ଲେଖ ରହିଛି । ସେହି ବର୍ଣ୍ଣନାକୁ ଯଦି ଲକ୍ଷ୍ୟ କରାଯାଏ ତେବେ ତହିଁରେ ହୁନୈନ୍ ଯୁଦ୍ଧ ସଂପର୍କରେ ନାନା ବିବରଣୀମାନ ପ୍ରଦାନ କରାଯାଇଛି । ହୁଜୁର ଅନୱର୍ ଅ.ବ କହିଲେ, ହ. ବରାଅ ବିନ୍ ଆଜିବ୍ ର.ଅ ଯେକି ହୁନୈନ୍ ଯୁଦ୍ଧରେ ସାମିଲ୍ ଥିଲେ, ତାଙ୍କର ବର୍ଣ୍ଣନା ସହି ବୁଖାରୀରେ ଅନେକ ସ୍ଥାନରେ ବର୍ଣ୍ଣିତ ହୋଇଛି ଓ ବିଦ୍ୟମାନ ମଧ୍ୟ ରହିଛି ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି ବର୍ଣ୍ଣନାମାନଙ୍କରେ ହ. ବରାଅ ବିନ୍ ଆଜିବ୍ ର.ଅ କୁହନ୍ତି ଯେ, ଆମେମାନେ ବନୁ ହୱାଜିନ୍ ସଂପ୍ରଦାୟ ଉପରେ ଆକ୍ରମଣ ଯେତେବେଳେ କଲୁ ସେତେବେଳେ ସେମାନେ ପରାସ୍ତ ହେଲେ ଏବଂ ଆମେମାନେ ମାଲେ ଗନିମତ୍ ଏକତ୍ରିତ କରିବାକୁ ଲାଗିଲୁ । ଇତି ମଧ୍ୟରେ ସେମାନେ ଆମମାନଙ୍କ ଉପରେ ତୀର ବର୍ଷଣ କରିଦେଲେ । ଯଦ୍ଦ୍ୱାରାକି ଯେଉଁ ଯୁବକମାନଙ୍କ ପାଖରେ ବର୍ତ୍ତିବା ପାଇଁ କୌଣସି ଜିନିଷ ପତ୍ର ବା ସାଧନ ମଧ୍ୟ ନଥିଲା ସେମାନେ ସେଠାରୁ ପିଠି ଦେଖାଇ ପଳାୟନ କଲେ । କିନ୍ତୁ ଯେଉଁ ରସୁଲ୍ କରୀମ୍ ସ.ଅଙ୍କ ପ୍ରଶ୍ନ ରହିଛି ସେଠାରେ ଆପଣ ସ.ଅ ସେତେବେଳେ ମଧ୍ୟ ଯୁଦ୍ଧ ଭୂମିରେ ଅବିଚଳ ରହିଥିଲେ । ବର୍ଣ୍ଣନାକାରୀ ହ. ବରାଅ ବିନ୍ ଆଜିବ୍ ର.ଅ କୁହନ୍ତି, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଦେଖିଲି ଆପଣ ସ.ଅ ଗଧ ଉପରେ ଆରୋହଣ ହୋଇଥିଲେ ଏବଂ ଅବୁ ସୁଫିୟାନ୍ ବିନ୍ ହାରିସ୍ ସେହି ଗଧର ଲଗାମ୍ (ମଙ୍ଗ) ଧରିଥିଲେ । ଆପଣ ସ.ଅ କହୁଥିଲେ ଯେ,

أَنَا النَّبِيُّ لَا كَذِبْ
أَنَا ابْنُ عَبْدِ الْمُطَّلِبْ

ଅର୍ଥାତ୍ ମୁଁ ଅବତାର ଅଟେ । ଏହା କୌଣସି ମିଛ କଥା ନୁହେଁ ଏବଂ ମୁଁ ଅବ୍‌ଦୁଲ୍ ମୁତଲ୍ଲିବ୍‌ର ସନ୍ତାନ (ସୁପୁତ୍ର) ଅଟେ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୁଖାରୀର ଉପରୋକ୍ତ ବର୍ଣ୍ଣନାକୁ ଯଦି ଅନୁଧ୍ୟାନ ତଥା ଅବଲୋକନ କରାଯାଏ ତେବେ ହୁନୈନ୍ ଯୁଦ୍ଧର ଦୁଇଟି ପର୍ଯ୍ୟାୟ ରହିଛି ଏବଂ ସାମୂହିକ ରୂପେ ଜୀବନୀ ଲୋଖାଳୀମାନେ ଏହିପରି ବର୍ଣ୍ଣନା ବର୍ଣ୍ଣନା କରି ଥାଆନ୍ତି। **1-** ସହସା ଆକ୍ରମଣ ଯୋଗୁଁ ମୁସଲମାନମାନଙ୍କର ବିକ୍ଷିପ୍ତ ହୋଇଯିବା । **2-** ମୁସଲମାନମାନଙ୍କର ପୁନଃ ଏକତ୍ରିତ ହୋଇ ଆକ୍ରମଣ କରିବା ଓ ଶତ୍ରୁଙ୍କୁ ପରାସ୍ତ କରି ତିରସ୍କୃତ କରିବା । କିନ୍ତୁ ବୁଖାରୀର ଏହି ବର୍ଣ୍ଣନାକୁ ଯଦି ଆଧାର ରୂପେ ଗ୍ରହଣ କରାଯାଏ ତେବେ ଉକ୍ତ ବର୍ଣ୍ଣନାଟି ସର୍ବାଧିକ ରୂପେ ସଠିକ୍ ବୋଲି ଜ୍ଞାତ ହେଉଛି । ଅତଏବ ହୁନୈନ ଯୁଦ୍ଧର ତିନୋଟି ପର୍ଯ୍ୟାୟ ରହିଛି । ଯଥା-

**1-** ପ୍ରଥମ ପର୍ଯ୍ୟାୟ ବା ପ୍ରଥମ ଚରଣରେ ମୁସଲମାନମାନଙ୍କର ସୈନ୍ୟବାହିନୀ ନିଃଶଙ୍କୋଚ ରୂପେ ଯେତେବେଳେ ହୁନୈନ୍ ଉପତ୍ୟକାରେ ପ୍ରବେଶ କଲେ ସେତେବେଳେ ମୁସଲମାନ ସୈନ୍ୟବାହିନୀର ଗୋଟିଏ ଭାଗ ସୈନ୍ୟବାହିନୀ ମାଲେ ଗନିମତ୍ ଗୋଟାଇବାରେ ବ୍ୟସ୍ତ ହଇଗଲେ ଏବଂ ବ୍ୟଗ୍ର ହୋଇ ଉଠିଲେ ।

**2-** ଦ୍ୱିତୀୟ ପର୍ଯ୍ୟାରେ ଏହା ଘଟିଲା ଯେ, ବନୁ ହୱାଜିନ୍ ସଂପ୍ରଦାୟର ସେନାପତି ମାଲିକ୍ ବିନ୍ ଔଫ୍ ନିଜର ସର୍ବୋଚ୍ଚ ଚାରି ହଜାର ଧନୁର୍ଦ୍ଧରମାନଙ୍କୁ ଘାଟିରେ ଗୁପ୍ତ ରୂପେ ମୁତୟନ କରିଥିଲା, ସେହି ଧନୁର୍ଦ୍ଧରମାନେ ଯେତେବେଳେ ଏହା ଦେଖିଲେ ଯେ, ମୁସଲମାନମାନଙ୍କର ସୈନ୍ୟବାହିନୀ ଉପତ୍ୟକାର ପ୍ରବେଶ କରୁଛି ସେତେବେଳେ ସେମାନେ ଅର୍ଥାତ୍ ଧନୁର୍ଦ୍ଧରମାନେ ମୁସଲମାନମାନଙ୍କ ଉପରେ ସହସା ତୀର ଦ୍ୱାରା ଆକ୍ରମଣ କରିଦେଲେ । ବନୁ ହୱାଜିନ୍ ସଂପ୍ରଦାୟ ଆରବର ସର୍ବୋତ୍ତମ ଧନୁର୍ଦ୍ଧର ଥିଲେ । ସକାଳର ଅନ୍ଧକାର ଏବଂ ମୁସଲମାନମାନଙ୍କର ଏକ ସଂଖ୍ୟକ ଲୋକମାନେ ମାଲେ ଗନିମନତ୍ ଏକତ୍ରିତ କରିବାରେ ବ୍ୟସ୍ତ ଥିଲେ । ସେମାନଙ୍କ ମଧ୍ୟରେ ମକ୍କାର ନବ ଦୀକ୍ଷିତ ମୁସଲମାନମାନଙ୍କର ସଂଖ୍ୟା ମଧ୍ୟ ରହିଥିଲା । ସେହି ଯୁବକମାନଙ୍କ ମଧ୍ୟରେ ଇସ୍‌ଲାମ୍ ଧର୍ମ ଭଲ ଭାବରେ ପ୍ରବିଷ୍ଟ ହୋଇ ନଥିଲା । ସେହି ଯୁବକମାନଙ୍କ ନିକଟରେ ଲୌହ ମୁକୁଟ ଏବଂ ଲୌହ ପୋଷାକ ଇତ୍ୟାଦି କୌଣସି ବିଶେଷ ପ୍ରକାରର ସୁରକ୍ଷାତ୍ମକ ସାଧନ ମଧ୍ୟ ନଥିଲା ଯେ, ତୀରର ଆକ୍ରମଣରୁ ନିଜକୁ ରକ୍ଷା କରିପାରି ଥାଆନ୍ତେ । ସୁତରାଂ ତୀରର ଏହି ସହସା ଆକ୍ରମଣରୁ ଏହି ଯୁବକମାନ ବର୍ତ୍ତିବାକୁ ଯାଇ ସେଠାରୁ ପଳାୟନ କଲେ । ସେହି ଯୁବକମାନଙ୍କର ବାହନଗୁଡ଼ିକ ମଧ୍ୟ ରହିଥିଲା । ଅତଏବ୍ ଏହି ମୁସଲମାନ ଯୁବକମାନେ ଯେତେବେଳେ ହଠାତ୍ ପଛ ଆଡ଼କୁ ପଳାୟନ କରିବାକୁ ଲାଗିଲେ ସେତେବେଳେ ସମସ୍ତ ସୈନ୍ୟବାହିନୀ ମଧ୍ୟରେ ଏକ ପ୍ରକାରର ଦଳାଚକଟା ସୃଷ୍ଟି ହୋଇଗଲା । ଓଟ ଓ ଅଶ୍ୱମାନେ ପଳାୟନ କରିବା ଆରମ୍ଭ କରିଦେଲେ । ଜୀବମାନେ ଚମକି ଗଲେ । ଘାଟି ଯୋଗୁଁ ରାସ୍ତା ମଧ୍ୟ ସଂକୀର୍ଣ୍ଣ ଥିଲା । ତେଣୁ ଜୀବମାନେ ଲୋକମାନଙ୍କୁ ପାଦ ତଳେ ଚକଟିବାକୁ ଲାଗିଲେ। ସୈନ୍ୟବାହିନୀର ଏହି ଦଳାଚକଟା ଯୋଗୁଁ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସ୍ୱୟଂ ଆହତ ହୋଇ ତଳେ ପଡ଼ିଗଲେ ଓ ମୁସଲମାନମାନଙ୍କର ସୈନ୍ୟବାହିନୀ ବିକ୍ଷିପ୍ତ ହୋଇଗଲା। ଉକ୍ତ ପ୍ରସଙ୍ଗଟି ମଧ୍ୟ ଜୀବନୀ ପୁସ୍ତକରେ ଉଲ୍ଲିଖିତ ହୋଇଛି ।

**3-** ତୃତୀୟ ଯେଉଁ ନିର୍ଣ୍ଣାୟକ ପର୍ଯ୍ୟାୟ ରହିଥିଲା ତାହା ଏପରି ଘଟିଲା ଯେ, ସେଥି ସଂକ୍ରାନ୍ତରେ ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରିଛନ୍ତି ଯେ, ସୈନ୍ୟବାହିନୀର ପୂର୍ବ (ସମ୍ମୁଖ) ଭାଗର ପାଦ ଯୁଦ୍ଧ ଭୂମିରେ ତିଷ୍ଠି ପାରିଲା ନାହିଁ । ସର୍ବ ପ୍ରଥମେ ବନୁ ସୁଲୈମ୍ ସଂପ୍ରଦାୟର ସୈନ୍ୟବାହିନୀ ପଳାୟନ କଲା, ସେମାନଙ୍କ ପଛରେ ମକ୍କାର ଯୁବକମାନେ ପଳାୟନ କଲେ, ପୁନଶ୍ଚ ଆମିର୍ ସଂପ୍ରଦାୟର ଲୋକମାନେ ମଧ୍ୟ ପରାଜୟ ସ୍ୱୀକାର କରି ପଳାୟନ କଲେ । ସେମାନେ କାହାରି ଚିନ୍ତା କଲେ ନାହିଁ ଏବଂ ଏତେ ଧୂଳି ଉଡ଼ିଲା ଯେ, ସେମାନଙ୍କ ମଧ୍ୟରୁ ଅର୍ଥାତ୍ ବନୁ ସୁଲୈମ୍, ବନୁ ଆମିର୍ ସଂପ୍ରଦାୟ ଓ ମକ୍କାର ଯୁବକମାନଙ୍କ ମଧ୍ୟରୁ କେହି ବି ନିଜର ପାପୁଲିକୁ ଦେଖି ପାରିଲା ନାହିଁ । ହୁଜୁର ଅନୱର୍ ଅ.ବ କହିଲେ, ଆଁହଜରତ ସ.ଅ ଯେତେସବୁ ଯୁଦ୍ଧ ଲଢିଛନ୍ତି ସେହି ଯୁଦ୍ଧମାନଙ୍କ ମଧ୍ୟରେ ଚର୍ଚ୍ଚା ଯୋଗ୍ୟ ପ୍ରସଙ୍ଗ ଏହିକି ଯେ, ଯୁଦ୍ଧ ଭୂମିରେ ଯେପରି ଅବସ୍ଥା ଥାଉ ନା କାହିଁକି ପ୍ରତ୍ୟେକ ଯୁଦ୍ଧରେ ଆପଣ ସ.ଅଙ୍କ ଅବିଚଳତା, ସାହସିକତାର କୌଣସି ଉଦାହଣ (ଦୃଷ୍ଟାନ୍ତ) ଦେଖିବାକୁ ମିଳୁ ନାହିଁ । ଯେତେବେଳେ ବଡ଼ ବଡ଼ ବୀର ଯୋଦ୍ଧାମାନେ ଯୁଦ୍ଧ ଭୂମିରେ ତିଷ୍ଠି ପାରନ୍ତି ନାହିଁ ସେତେବେଳେ ଆପଣ ସ.ଅ ଏକ ଚଟ୍ଟାଣ ପରି ସେଠାରେ ଉପସ୍ଥିତ ଥିବା ଦୃଶ୍ୟମାନ ହୁଅନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ, ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ସର୍ବାଧିକ ସୁନ୍ଦର ଏବଂ ସର୍ବାଧିକ ପରୋପକାରୀ ଓ ବଦାନ୍ୟର ଅଧିକାରୀ ଥିଲେ। ଆପଣ ସ.ଅ ଲୋକମାନଙ୍କ ମଧ୍ୟରେ ସବୁଠି ବେଶୀ ବୀର ଓ ସାହସୀ ବ୍ୟକ୍ତି ଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି ହୁନୈନ୍ ଯୁଦ୍ଧର ଚର୍ଚ୍ଚା କରି ହ. ବରାଅ ବିନ୍ ଆଜିବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ସମସ୍ତ ସୈନ୍ୟବାହିନୀ ବିକ୍ଷିପ୍ତ ହୋଇଗଲେ ସେତେବେଳେ ଆଁହଜରତ ସ.ଅ ନିଜର କେତେକ ସାଥିମାନଙ୍କ ସହିତ ଏକୁଟିଆ ରହିଗଲେ ଓ ଶତ୍ରୁ ଯେତେବେଳେ ଆପଣ ସ.ଅଙ୍କ ଆଡ଼କୁ ଅଗ୍ରସର ହେବାକୁ ଲାଗିଲା ସେତେବେଳେ ଆପଣ ସ.ଅ ଏକାକୀ ଶତ୍ରୁ ଆଡ଼କୁ ଅଗ୍ରସର ହେଲେ ଏବଂ ଉଚ୍ଚ ସ୍ୱରରେ ଆପଣ ସ.ଅ ଏହା କହି ଚାଲିଥିଲେ ଯେ, ମୁଁ ଅବତାର ଅଟେ । ଏହା କୌଣସି ମିଛ କଥା ନୁହେଁ ଏବଂ ମୁଁ ଅବ୍‌ଦୁଲ୍ ମୁତଲ୍ଲିବ୍‌ର ସନ୍ତାନ (ସୁପୁତ୍ର) ଅଟେ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ଣ୍ଣନାକାରୀ (ବରାଅ ବିନ୍ ଆଜିବ୍) କୁହନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଯେତେବେଳେ ଯୁଦ୍ଧ ଭୀଷଣ ରୂପ ନେଉଥିଲା ସେତେବେଳେ ଆମେମାନେ ରୁସଲୁଲ୍ଲାଃ ସ.ଅଙ୍କ ଛତ୍ରଛାୟାକୁ ଚାଲି ଆସୁଥିଲୁ । ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ପାଖରେ ରହୁଥିଲା ସେହି ବ୍ୟକ୍ତି ହିଁ ସର୍ବାଧିକ ବୀର ଓ ସାହସୀ ବୋଲି ବିବେଚିତ ହେଉଥିଲା । ହୁଜୁର ଅନୱର୍ ଅ.ବ କହିଲେ, ଇତ୍ୟବସରରେ ଆପଣ ସ.ଅଙ୍କ ସାହସିକତା ଏବଂ ବୀରତ୍ୱର ମର୍ଯ୍ୟା ଏହିପରି ତିଲା ଯେ, ଆପଣ ସ.ଅ ଯେତେବେଳେ ଏକୁଟିଆ ରହିଗଲେ ସେତେବେଳେ ଆପଣ ସ.ଅ ଶତ୍ରୁ ଆଡ଼କୁ ନିଜର ଗଧକୁ ଠେଲି ଦେଉଥିଲେ । ହ. ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଓ ଅବୁ ସୁଫିୟାନ୍ ବିନ୍ ହାରିସ୍ ନବୀ କରୀମ୍ ସ.ଅଙ୍କ ସହିତ ସାଙ୍ଗରେ ରହିଥିଲୁ । ଆମେମାନେ ମୁହୂର୍ତ୍ତକ ପାଇଁ ମଧ୍ୟ ଆପଣ ସ.ଅଙ୍କ ଠାରୁ ପୃଥକ ହେଲୁ ନାହିଁ । ଯେତେବେଳେ ଲୋକମାନେ ବିକ୍ଷିପ୍ତ ହୋଇଗଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ନିଜର ଗଧ ଶତ୍ରୁ ଆଡ଼କୁ ଦ୍ରୁତ ଗତିରେ ଯିବାକୁ ଲାଗିଲେ । ଇତ୍ୟବସରରେ ମୁଁ (ହାରିସ୍ ର.ଅ) ଆଁହଜରତ ସ.ଅଙ୍କ ଗଧର ଲଗାମ୍‌କୁ ଧରି ଗଧକୁ ଅଟକାଇବାକୁ ଲାଗାଲି । କାରଣ ଗଧ ଯେପରି ଗତିଶୀଳ ନହେଉ ଓ ଅବୁ ସୁଫିୟାନ୍ ବିନ୍ ହାରିସ୍ ଗଧର ଲଗାମ୍ ଧରିଥିଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ଅବୁ ବକ୍କର୍ ର.ଅ ଯେକି ସେତେବେଳେ ମଧ୍ୟ ଆପଣ ସ.ଅଙ୍କ ସହିତ ଥିଲେ ସେ ଗଧର ଲଗାମ୍ ଧରି ଗଧକୁ ଅଟକାଇବାକୁ ଚେଷ୍ଟା କରୁଥିଲେ । ରସୁଲ୍ କରୀମ୍ ସ.ଅ ମୋତେ କହିଲେ, ହେ ଅବ୍‌ବାସ୍ ! ବୃକ୍ଷବାସୀଙ୍କୁ ଡାକ । ଅର୍ଥାତ୍ ସୁଲାହ୍ ହୁଦୈବିୟାହ୍ ଅବସରରେ ଯେଉଁମାନେ ନିଜର ପ୍ରାଣର ବଳିଦାନ ଦେବାର ଅଙ୍ଗୀକାର ବଦଳରେ ବୈଅତ୍ କରିଥିଲେ । ହ. ଅବ୍‌ବାସ୍ ର.ଅ ଉଚ୍ଚ ସ୍ୱରର ଅଧିକାରୀ ଥିଲେ । ସେ କୁହନ୍ତି ଯେ, ମୁଁ ଉଚ୍ଚ ସ୍ୱରରେ ଡାକିଲି, أَصْحَابُ السَّمُرَةِ । ଅର୍ଥାତ୍ ବୃକ୍ଷବାସୀମାନେ କେଉଁଠି ଅଛନ୍ତି ? ସେ ବର୍ଣ୍ଣନା କରନ୍ତି ଯେ, ମୁଁ ଅଲ୍ଲାଃତାଲାଙ୍କର ରାଣ ଖାଇ କହୁଛି ଯେ, ଯେତେବେଳେ ଲୋକମାନେ ମୋ ଡାକ ଶୁଣିଲେ, ସେତେବେଳେ ସେମାନେ ଏପରି

ଫେରିଲେ ବା ଲେଉଟିଲେ ଯେପରି ଏକ ଗାଈ ନିଜର ବାଛୁରୀ ଆଡ଼କୁ ଧାଇଁଥାଏ। ସେହି ଲୋକମାନେ ଏହା ଡାକିବାକୁ ଲାଗିଲେ ଯେ, ଲବ୍‌ବୈକ୍, ଲବ୍‌ବୈକ୍ ୟା ରସୁଲୁଲ୍ଲାଃ ସ.ଅ ! ଅର୍ଥାତ୍ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଉପସ୍ଥିତ ଅଛୁ, ଆମେମାନେ ଉପସ୍ଥିତ ଅଛୁ । ସେମାନେ ଆଁହଜରତ ସ.ଅଙ୍କ ଆଡ଼କୁ ଫେରିଲେ ଏବଂ ଶତ୍ରୁ ସହିତ ଯୁଦ୍ଧ ଆରମ୍ଭ କରିଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ପ୍ରାମାଣ୍ୟ ତଥା ବର୍ଣ୍ଣନା ହେଉଛି ସହି ମୁସ୍‌ଲିମ୍‌ର ବର୍ଣ୍ଣନା । ସେଥି ସଂକ୍ରାନ୍ତରେ ବର୍ଣ୍ଣନା କରାଯାଏ ଯେ, ଯେତେବେଳେ ମୁସଲମାନମାନଙ୍କର ସୈନ୍ୟବାହିନୀ ବିକ୍ଷିପ୍ତ ହୋଇଗଲା ସେତେବେଳେ ନବୀ କରୀମ୍ ସ.ଅଙ୍କ ନିକଟରେ କେତେକ ସଦସ୍ୟମାନେ ଉପସ୍ଥିତ ଥିଲେ ଏବଂ ସେମାନଙ୍କର ସଂଖ୍ୟା 300ରୁ 400 ପର୍ଯ୍ୟନ୍ତ ରହିଥିଲା ବୋଲି ବର୍ଣ୍ଣନା କରାଯାଏ ।

ସଂଖ୍ୟା ସଂପର୍କରେ ମତଭେଦର କାରଣ ଏହା ମଧ୍ୟ ହୋଇପାରେ ଯେ, ନବୀ କରୀମ୍ ସ.ଅଙ୍କ ପାଖରେ କେବଳ କେଇଜଣ ସଦସ୍ୟ ଥିବେ ଏବଂ ଅନ୍ୟ ସମସ୍ତ ଲୋକମାନେ ବିଭିନ୍ନ ସ୍ଥାନରେ ଶତ୍ରୁ ସହିତ ମୁକାବିଲା କରୁଥିବେ । ଏପରି କହିବାକୁ ଗଲେ ଯୁଦ୍ଧ ଭୂମିରେ 300ରୁ ଊର୍ଦ୍ଧ୍ୱ ସଦସ୍ୟ ଥିବେ କିମ୍ବା ନବୀ କରୀମ୍ ସ.ଅଙ୍କ ପାଖରେ ଲୋକମାନଙ୍କର ସଂଖ୍ୟା ବିଭିନ୍ନ ସମୟରେ କମ୍ ବେଶୀ ହେଉଥିବ । ତେଣୁ ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ପାଖରେ ତିନିଜଣ କିମ୍ବା ଚାରିଜଣ ଲୋକଙ୍କୁ ଦେଖିଲା ସେହି ବ୍ୟକ୍ତି ଏହି ସଂଖ୍ୟା ବର୍ଣ୍ଣନା କରିଦେଲା ଯେ, ଆଁହଜରତ ସ.ଅଙ୍କ ପାଖରେ ତିନିଜଣ କିମ୍ବା ଚାରିଜଣ ଲୋକ ଥିଲେ । ସେହିପରି ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ପାଖିଲେ 10 କିମ୍ବା 12 ଜଣ ଲୋକମାନଙ୍କୁ ଦେଖିଲା ସେହି ବ୍ୟକ୍ତି ଏହି ସଂଖ୍ୟା ଅର୍ଥାତ୍ 10, 12 ବୋଲି ବର୍ଣ୍ଣନା କରିଦେଲା । ପୁନଶ୍ଚ ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ନିକଟରେ ଅଧିକ ସଂଖ୍ୟକ ଲୋକମାନଙ୍କୁ ଦେଖିଲା ସେହି ବ୍ୟକ୍ତି ଅଧିକ ସଂଖ୍ୟା ବର୍ଣ୍ଣନା କରିଦେଲା । ସେ ଯାହା ହେଉ ଏପରି ଏକ ସମୟ ମଧ୍ୟ ଆସିଲା ଯେ, ଆପଣ ସ.ଅଙ୍କ ପାଖରେ କେବଳ କିଛି ଲୋକ ଅର୍ଥାତ୍ ସାହାବାମାନେ ରହିଗଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଜଣେ ବ୍ୟକ୍ତି ହ. ବରାଅ ବିନ୍ ଆଜିବ୍ ର.ଅଙ୍କୁ କହିଲା, ହେ ଅବୁ ଅମ୍ମାରାହ୍ ! କ'ଣ ଆପଣମାନେ ହୁନୈନ୍ ଯୁଦ୍ଧ ଦିନ ପଳାୟନ କରିଥିଲେ କି ? ପ୍ରତ୍ୟୁତ୍ତରରେ ସେ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ରସୁଲୁଲ୍ଲାଃ ସ.ଅ ପଳାୟନ କରି ନଥିଲୁ । କିନ୍ତୁ ଆପଣ ସ.ଅ ଯେତେବେଳେ ଏହା ଦେଖିଲେ ଯେ, ଆପଣ ସ.ଅଙ୍କ ସାହାବାମାନଙ୍କ ମଧ୍ୟରେ ଏପରି ଆତୁର ଯୁବକମାନେ ରହିଥିଲେ, ସେହି ଯୁବକମାନଙ୍କ ପାଖରେ ଅସ୍ତ୍ରଶସ୍ତ୍ର ନଥିଲା କିମ୍ବା ସ୍ୱଳ୍ପ ପରିମାଣର ଅସ୍ତ୍ରଶସ୍ତ୍ର ଥିଲା । ତେଣୁ ଯେତେବେଳେ ଏହି ଯୁବକମାନେ ଧନୁର୍ଦ୍ଧରମାନଙ୍କ ସହିତ ମୁହାଁମୁହିଁ ହେଲେ (ଏହି ଧନୁର୍ଦ୍ଧରମାନଙ୍କର କୌଣସି ତୀର ବ୍ୟର୍ଥ ଯାଉ ନଥିଲା ଅର୍ଥାତ୍ ହୱାଜିନ୍ ସଂପ୍ରଦାୟ ଏବଂ ବନୁ ନଜର୍ ସଂପ୍ରଦାୟର ଧନୁର୍ଦ୍ଧର ଗୋଷ୍ଠୀମାନେ) । ଏହି ଧନୁର୍ଦ୍ଧରମାନେ ଅହରହ ତୀର ବର୍ଷଣ କଲେ । ଏମାନଙ୍କର କୌଣସି ତୀର ବ୍ୟର୍ଥ ଯାଉ ନଥିଲା । ତେଣୁ ଆଁହଜରତ ସ.ଅ ସେତେବେଳେ ଶତ୍ରୁ ଆଡ଼କୁ ଆଗକୁ ଅଗ୍ରସର ହେଲେ ଏବଂ ରସୁଲୁଲ୍ଲାଃ ସ.ଅ ଧଳା ରଙ୍ଗର ଗଧ ଉପରେ ଆରୋହଣ ହୋଇଥିଲେ ଏବଂ ଅବୁ ସୁଫିୟାନ୍ ବିନ୍ ହାରିସ୍ ସେହି ଗଧ ଚଳାଉଥିଲେ । ଆପଣ ସ.ଅ ଗଧ ଉପରୁ ତଳକୁ ଓହ୍ଲାଇଲେ ଏବଂ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଲୋଡ଼ି କହିଲେ,

أَنَا النَّبِيُّ لَا كَذِبْ
أَنَا ابْنُ عَبْدِ الْمُطَّلِبْ

ଅର୍ଥାତ୍ ମୁଁ ଅବତାର ଅଟେ । ମୁଁ ମିଥ୍ୟାବାଦୀ ନୁହେଁ ଏବଂ ମୁଁ ଅବଦୁଲ୍ ମୁତଲ୍ଲିବର ସନ୍ତାନ (ସୁପୁତ୍ର) ଅଟେ ।

ଇୟାସ୍ ବିନ୍ ସଲ୍‌ମା ର.ଅ ନିଜର ପିତା ଅକୱାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଆମେମାନେ ନବୀ କରୀମ୍ ସ.ଅଙ୍କ ସାହଚର୍ଯ୍ୟରେ (ସାଙ୍ଗରେ) ହୁନୈନ୍ ଯୁଦ୍ଧ ଅଭିମୁଖେ ଗଲୁ । ଆମେମାନେ ଯେତେବେଳେ ଶତ୍ରୁ ସହିତ ମୁହାଁମୁହିଁ ହେଲୁ ସେତେବେଳେ ମୁଁ ଆଗକୁ ଅଗ୍ରସର ହେଲି ଓ ଏକ ଘାଟି ଉପରେ ଚଢୁଥିଲି କି ଶତ୍ରୁ ପକ୍ଷର ଜଣେ ବ୍ୟକ୍ତି ସହିତ ମୋର ଆମ୍ନା ସାମ୍ନା ହେଲା । ମୁଁ ସେହି ବ୍ୟକ୍ତିକୁ ତୀର ଯେତେବେଳେ ମାରିଲି ସେତେବେଳେ ସେହି ବ୍ୟକ୍ତି ମୋ ତୀରକୁ ଦେଖି ଲୁଚିଗଲା। ମୁଁ ଜାଣି ପାରିଲି ନାହିଁ ଯେ, ସେହି ବ୍ୟକ୍ତିର କ'ଣ ହେଲା ଓ କୁଆଡ଼େ ଗଲା । ମୁଁ ଦେଖିଲି ଯେ, ଲୋକମାନେ ଅନ୍ୟ ଘାଟିରୁ ବାହାରୁଛନ୍ତି । ସେମାନଙ୍କ ମଧ୍ୟରେ ଅର୍ଥାତ୍ ଶତ୍ରୁମାନଙ୍କ ସହିତ ନବୀ କରୀମ୍ ସ.ଅଙ୍କ ସାହାବାମାନଙ୍କର ଯୁଦ୍ଧ ହେଲା । ନବୀ କରୀମ୍ ସ.ଅ ସାହାବାମାନଙ୍କ ଆଡ଼କୁ ବୁଲିଗଲେ । ମୁଁ ପରାଜିତ ହୋଇ ଫେରିଲି । ମୋ ଉପରେ ଦୁଇଟି ଚଦର ଥିଲା । ଗୋଟିଏ ଚଦର ମୁଁ ବାନ୍ଧିଥିଲି ଏବଂ ଅନ୍ୟ ଏକ ଚଦର ମୁଁ ଉପରେ ପିନ୍ଧିଥିଲି । ମୋ ଚଦର ଯେତେବେଳେ ଫଟିବାକୁ ଲାଗିଲା ସେତେବେଳେ ମୁଁ ଉଭୟ ଚଦରକୁ ଏକତ୍ରିତ କଲି ଏବଂ ମୁଁ ପଛକୁ ଘୁଞ୍ଚି ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖ ଦେଇ ଅତିକ୍ରମ କଲି । ଆପଣ ସ.ଅ କଳା ଏବଂ ଧଳା ରଙ୍ଗ ମିଶା ଗଧ ଉପରେ ଆରୋହଣ ହୋଇଥିଲେ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଇବ୍‌ନେ ଅକୱା ! ତୁମେ କୌଣସି ସମସ୍ୟା ଏବଂ ଅସୁବିଧାର ସମ୍ମୁଖୀନ ହୋଇଛି କି ? ଏହି ଅବସ୍ଥାରେ ତୁମେ କାହିଁକି ଦଉଡୁଛ ? **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜୱା ହୁନୈନ୍, ହଦିସ୍ ନଂ-4317) (ସହିହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍-ମିନ୍ ସଫ୍ଫ୍ ଅସ୍‌ହାବତା... ହଦିସ୍ ନଂ-2930) (ସହି ମୁସ୍‌ଲିମ୍, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍-ଗଜୱା ହୁନୈନ୍, ହଦିସ୍ ନଂ-175,176,177) (ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଜିହାଦ୍, ବାବ୍- ଅଲ୍ ଖୁରୁଜୁ ଫିନ୍ ନୁଫୈର, ହଦିସ୍ ନଂ-272) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-253-255, ବଜମେ ଇକ୍‌ବାଲ୍ ଲାହୋର) (ମଜ୍‌ମାଅଜ୍ ଜୱାଇଦ୍, ଭାଗ-6, ପୃ-189-190, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-312, ଦାରୁଲ୍ କୁତୁବୁଲ୍ ଇଲମିୟାହ୍) (ତାରିଖୁଲ୍ ଖମିସ୍, ଭାଗ-2, ପୃ-513, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ଅର.ଅ ହୁନୈନ୍ ଯୁଦ୍ଧ ଦିନ ତୀରର ପୀଡ଼ା ନିଜ ଶରୀରରେ ସହ୍ୟ କରି ପ୍ରତ୍ୟାବର୍ତ୍ତନ କରିବାର ଚର୍ଚ୍ଚା କରି କୁହନ୍ତି: "ହୁନୈନ୍ ଯୁଦ୍ଧରେ ଯେତେବେଳେ ମୁସଲମାନମାନଙ୍କର ସୈନ୍ୟବାହିନୀ ପଛଘୁଞ୍ଚା ଦେଲେ ତାହାର କାରଣ ଏହିକି ଯେ, ଶତ୍ରୁ ପକ୍ଷରୁ ତୀରର ଆକ୍ରମଣ ଅତି ଭୀଷଣ ହୋଇ ଯାଇଥିଲା । ଅତଏବ୍ ସେତେବେଳେ ଆପଣ ସ.ଅ କେତେକ ସାହାବାମାନଙ୍କୁ ସାଙ୍ଗର ଧରି ଶତ୍ରୁ ଆଡ଼କୁ ଅଗ୍ରସର ହେଲେ । ହ. ଅବୁ ବକ୍କର ର.ଅ ଯେତେବେଳେ ଏହା ଦେଖିଲେ ଯେ, ଶତ୍ରୁମାନଙ୍କର ଆକ୍ରମଣ ଜୋର୍‌ଦାର୍ ହୋଇଯାଇଛି ତେଣୁ ଆପଣ ର.ଅ ଉକ୍ତ ଆକ୍ରମଣକୁ ଅଟକାଇବାକୁ ଚେଷ୍ଟା କଲେ ଏବଂ ଆଗକୁ ଅଗ୍ରସର ହୋଇ ଆପଣ ସ.ଅ ଅଶ୍ୱର ମଙ୍ଗ ଧରି ପକାଇଲେ । କିନ୍ତୁ ଆଁହଜରତ ସ.ଅ ହ. ଅବୁ ବକ୍କର ର.ଅଙ୍କୁ କହିଲେ, ହେ ଅବୁ ବକ୍କର୍ ! ମୋ ଅଶ୍ୱର ମଙ୍ଗକୁ ଛାଡ଼ିଦିଅ । ଏହାପରେ ଆପଣ ସ.ଅ ଏହି କବିତା ପାଠ କରି ଆଗକୁ ଅଗ୍ରସର ହେଲେ ।"

أَنَا النَّبِيُّ لَا كَذِبْ
أَنَا ابْنُ عَبْدِ الْمُطَّلِبْ

ଅର୍ଥାତ୍ ମୁଁ ଅବତାର ଅଟେ । ମୁଁ ମିଥ୍ୟାବାଦୀ ନୁହେଁ ଏବଂ ମୁଁ ଅବଦୁଲ୍ ମୁତଲ୍ଲିବର ସନ୍ତାନ (ସୁପୁତ୍ର) ଅଟେ ।

ଆଁହଜରତ ସ.ଅ ଯେଉଁ କଥା କହିଲେ ଯେ, ମୁଁ ଅବଦୁଲ୍ ମୁତଲ୍ଲିବର ସନ୍ତାନ (ସୁପୁତ୍ର) ଅଟେ । ଏହାର ଅର୍ଥ ଏହିକି ଯେ, ସେତେବେଳେ ଶତ୍ରୁ ଏତେ ଭୀଷଣ (ଜୋର୍‌ଦାର୍) ଆକ୍ରମଣ କରୁଥିଲା ଯେ, ଶତ୍ରୁ ପକ୍ଷର 4000 ଧନୁର୍ଦ୍ଧରମାନଙ୍କର ତୀର ବର୍ଷଣ କରାଯାଉଥିଲା । ଏହି ଅବସ୍ଥାରେ ମୋର ଆଗକୁ ଅଗ୍ରସର ହେଲା ମାନବତାର ମର୍ଯ୍ୟାଦା ଠାରୁ ଊର୍ଦ୍ଧ୍ୱରେ ବୋଲି ଦୃଶ୍ୟମାନ ହେଉଛି । ତହିଁରୁ କାହାରିକୁ ଭ୍ରମ ନଲାଗୁ ଯେ, ଅଲ୍ଲାଃତାଲା ମୋର ଅବତାର ହେବା ଯୋଗୁଁ ମୋ ସହିତ ଅଛନ୍ତି । **(ଖୌଫ୍ ଔର୍ ଉମିଦ୍ କା ଦରମିୟାନୀ ରାସ୍ତା, ଅନ୍‌ୱାରୁଲ୍ ଉଲୁମ୍, ଭାଗ-19, ପୃ-47)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସମସ୍ତ ଲୋକମାନେ ପଳାୟନ କରି ନଥିଲେ। ଏଥି ସଂକ୍ରାନ୍ତରେ ମଧ୍ୟ ବର୍ଣ୍ଣନାମାନ ରହିଛି । ଇମାମ୍ ନୁୱୀ ଉଲ୍ଲେଖ କରନ୍ତି ଯେ, ସମସ୍ତ ଲୋକମାନେ ପଳାୟନ କରି ନଥିଲେ । ବରଂ ମକ୍କାର مُؤَلَّفَةُ الْقُلُوبِ ଲୋକମାନଙ୍କ ମଧ୍ୟରୁ ଯେଉଁମାନେ କପଟବିଶ୍ୱାସୀ ବ୍ୟକ୍ତି ଥିଲେ ଏବଂ ମକ୍କାର ଅନ୍ୟାନ୍ୟ ଲୋକମାନେ ଯେଉଁମାନେ ଉକ୍ତ ଯୁଦ୍ଧରେ ସାମିଲ୍ ହୋଇ ଯାଇଥିଲେ ଏବଂ ଏପର୍ଯ୍ୟନ୍ତ ମୁସଲମାନ ହୋଇ ନଥିଲେ ସେମାନେ ପଳାୟନ କରିବା ଆରମ୍ଭ କରି ଦେଇଥିଲେ । ଏହା ସହସା ପରାଜୟ ଯୋଗୁଁ ସମ୍ଭବପର ହେଲା । ଅର୍ଥାତ୍ ଶତ୍ରୁ ପକ୍ଷ ଏକ ହୋଇ ମୁସଲମାନମାନଙ୍କ ଉପରେ ତୀର ବର୍ଷଣ କରି ଦେଇଥିଲେ । **( ଅଲ୍ ମିନହାଜ୍, ଶରହ୍ ମୁସଲିମ୍, ଲେଖକ-ଅଲ୍ଲାମା ନୁୱି, ପୃ-1374, ପ୍ରକାଶନ ସ୍ଥାନ-ଦାରେ ଇବ୍‌ନେ ହିଜମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଇମାମ୍ ନୁୱୀଙ୍କ ଉକ୍ତ କଥା ସଠିକ୍ ଅଟେ । ଅର୍ଥାତ୍ ଯୁଦ୍ଧଭୂମିରୁ ଭୟଭୀତ ହୋଇ ପଳାୟନ କରିଥିବା ମୁସଲମାନମାନେ ସମସ୍ତେ ଆଦୌ ନଥିଲେ । ଅର୍ଥାତ୍ ସମସ୍ତେ ପଳାୟନ କରି ନଥିଲେ । କେବଳ ମକ୍କାର କିଛି ନବଦୀକ୍ଷିତ ଯୁବକମାନେ ରହିଥିଲେ । ସେହି ଯୁବକମାନଙ୍କ ମଧ୍ୟରୁ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଏପରି ଏକ ସଂଖ୍ୟା ରହିଥିଲା ଯେଉଁମାନେ ହୃଦୟର ସହିତ ଯୁଦ୍ଧରେ ସାମିଲ୍ ହୋଇ ନଥିଲେ । ସେମାନେ ତ' ମାଲେ ଗନିମତ୍ ଲୋଭରେ କିମ୍ବା କେବଳ ଦର୍ଶକ ହିସାବରେ ସାମିଲ୍ ହୋଇଥିଲେ । କିନ୍ତୁ ଏହା ମଧ୍ୟ ସତ୍ୟ ଯେ, ସେହି ଯୁବକମାନଙ୍କର ପଳାୟନ କରିବା ଯୋଗୁଁ ଏବଂ ଭୀଷଣ ତଥା ଜୋର୍‌ଦାର ତୀର ଆକ୍ରମଣ ଯୋଗୁଁ ଅନ୍ୟ ମୁସଲମାନମାନଙ୍କର ବାହନ ଅର୍ଥାତ୍ ଅଶ୍ୱ ଓ ଓ ଓଟ ଚମକି ଯାଇଥିଲେ । ସେହି ବାହନଗୁଡ଼କ ମୁସଲମାନମାନଙ୍କୁ ନିଜ ସାଙ୍ଗରେ ନେଇ ପଳାୟନ କରିଥିଲେ ଏବଂ ବିଶାଳ ସଂଖ୍ୟକ ସୈନ୍ୟବାହିନୀ ଯେକି ଜାଣିଶୁଣି ଦଉଡ଼ି ନଥିଲା କିନ୍ତୁ ଚମକି ପଡ଼ିଥିବା ବାହନଗୁଡ଼ିକ ଯୋଗୁଁ ପଛକୁ ବୁଲିଗଲେ । ଫଳତଃ ବିଶ୍ୱସ୍ତ ଏବଂ ନୈଷ୍ଠିକ ମୁସଲମାନମାନେ ମଧ୍ୟ କିଛି ସମୟ ପାଇଁ ପଳାୟନ ପାଇଁ ବାଧ୍ୟ ହୋଇ ଯାଇଥିଲେ। ସେ ଯାହା ହେଉ ଏହାର ଅତିରିକ୍ତ ବିବରଣୀ ମଧ୍ୟ ରହିଛି । **ଇନ୍‌ଶାଅଲ୍ଲାଃ** ଏହାର ଅବଶିଷ୍ଟାଂଶ ପରବର୍ତ୍ତୀ ଖୁତ୍‌ବାରେ ବର୍ଣ୍ଣନା କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜି ଠାରୁ ଜର୍ମାନୀର ଜଲ୍‌ସା ସାଲାନା ମଧ୍ୟ ଆରମ୍ଭ ହେଉଛି । ସେଠାକାର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଦୁଆ କରିବା ଉଚିତ୍ ଯେ, ଅଲ୍ଲାଃତାଲା ସେମାନଙ୍କୁ ଜଲ୍‌ସା ସାଲାନାର ଯେଉଁ ଅଭିପ୍ରାୟ ରହିଛି ତାହାକୁ ଚରିତାର୍ଥ (ପୂରଣ) କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆପଣମାନେ ଉକ୍ତ ଜଲ୍‌ସାକୁ ମେଳା ବୋଲି ମନେକରି ଏଠାରେ ଏକତ୍ରିତ ହୁଅନ୍ତୁ ନାହିଁ । ବରଂ ଏହି ଦିନମାନଙ୍କରେ ନିଜର ଜ୍ଞାନଭିତ୍ତିକ, ଆଧ୍ୟାତ୍ମିକ ଉନ୍ନତିରେ ନିୟମିତ ରୂପେ ଅଗ୍ରସର ହେବା ନିମନ୍ତେ ଶପଥ ନିଅନ୍ତୁ ଏବଂ ଏଥି ନିମନ୍ତେ ଉଦ୍ୟମ ମଧ୍ୟ କରନ୍ତୁ । ଏହି ଦିନମାନଙ୍କରେ ବିଶେଷ ରୂପେ ଈଶ୍ୱର ଚର୍ଚ୍ଚା ଏବଂ ଦୁଆରେ ନିଜର ସମୟ ଅତିବାହିତ କରନ୍ତୁ । ଆପଣମାନେ ଯେଉଁଠି ନିଜ ନିମନ୍ତେ, ନିଜର ଆଗାମୀ ବଂଶଧର ନିମନ୍ତେ ଦୁଆ କରୁଛନ୍ତି ସେଠାରେ ଆପଣମାନେ ଜମାଅତ୍‌ର ଉନ୍ନତି ତଥା ବିକାଶ ଏବଂ ପ୍ରତ୍ୟେକ ବିରୋଧୀର ଉପଦ୍ରବରୁ ସୁରକ୍ଷିତ ରହି ଅଲ୍ଲାଃତାଲାଙ୍କ ଆଶ୍ରୟ ଭିକ୍ଷା କରିବାକୁ ଏବଂ ଉପଦ୍ରବୀମାନଙ୍କର ଉପଦ୍ରବ ଓ ହିଂସା ସମାପ୍ତ ହେବା ନିମନ୍ତେ ମଧ୍ୟ ଦୁଆ କରନ୍ତୁ। ଅଲ୍ଲାଃତାଲା ସେହି ଉପଦ୍ରବୀ ଓ ହିଂସାକାରୀମାନଙ୍କ ଉପଦ୍ରବରୁ ଆମମାନଙ୍କୁ ଓ ଜମାଅତ୍‌କୁ ରକ୍ଷା କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପାକିସ୍ତାନରେ ପ୍ରତ୍ୟେକ ଦିନ କୌଣସି ନା କୌଣସି ଦୁଃଖଦ ଓ ଯନ୍ତ୍ରଣାଦାୟକ ଘଟଣା ଘଟିଥାଏ । ଅଲ୍ଲାଃତାଲା ଯଥାଶୀଘ୍ର ସେହି ବିରୋଧୀମାନଙ୍କର ଧରପକଡ଼ (ଦଣ୍ଡିତ କରିବା) ପାଇଁ ଯଯତାଶୀଘ୍ର ବ୍ୟବସ୍ଥା କରନ୍ତୁ ଓ ସାଧନ ସୃଷ୍ଟି କରନ୍ତୁ । ସାମୂହିକ ରୂପେ ସଂସାରରେ ଶାନ୍ତି ନିମନ୍ତେ ମଧ୍ୟ ଦୁଆ କରନ୍ତୁ । ଏହି ସଂସାରବାସୀମାନେ ନିଜର କର୍ମ ଓ କୃତ୍ୟ ଯୋଗୁଁ ନିଜର ବିନାଶ ନିକଟବର୍ତ୍ତୀ ହୋଇ ଚାଲିଛନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ଏହି ଭୟଙ୍କର ବିନାଶରୁ ସୁରକ୍ଷିତ ରଖନ୍ତୁ । ହୁଜୁର ଅନ୍‌ୱର୍ ଅ.ବଙ୍କ ପାଲେଷ୍ଟାଇନ୍‌ର ଅତ୍ୟାଚାରିତ ଓ ନିଷ୍ପେଷିତ ଲୋକମାନଙ୍କ ନିମନ୍ତେ ଦୁଆ କରନ୍ତୁ । ବର୍ତ୍ତମାନ ଇସ୍ରାଇଲ୍ ଦେଶ ନିଜର ଅତ୍ୟାଚାର ଓ ବର୍ବରତାର ସୀମା ଲଂଘନ କରି ସାରିଛି । ଏପରି ଲାଗୁଛି ଯେ, ଇସ୍ରାଇସଲ୍ ପାଲେଷ୍ଟାଇନ୍‌ମାନଙ୍କୁ ଭୂପୃଷ୍ଠରୁ ନିଶ୍ଚିହ୍ନ କରିଦେବାକୁ ସ୍ଥିର କରିଛି। ନିରୀହ ଲୋକ, ନିଷ୍ପେଷିତ ଛୋଟ ପିଲାମାନଙ୍କୁ, ମହିଳାମାନଙ୍କୁ, ବୃଦ୍ଧ ବୃଦ୍ଧାମାନଙ୍କୁ, ରୋଗୀମାନଙ୍କ ଉପରେ ଅତ୍ୟାଚାରର ସୀମା ଲଂଘନ ହୋଇ ସାରିଛି । ପାଲେଷ୍ଟାଇନ୍ ଏକ ଗଣହତ୍ୟାର କେନ୍ଦ୍ର ପାଲଟି ଯାଇଛି । ସବୁଆଡ଼େ ଖାଲି ନରସଂହାର ଚାଲିଛି। ବର୍ତ୍ତମାନ ତ' ସାଂସାରିକ ରାଜନୈତିକ ନେତାମାନେ ଏବଂ ଦେଶମାନେ ମଧ୍ୟ ସ୍ୱରୋତ୍ତୋଳନ କରିବାକୁ ଲାଗିଲେଣି ଯେ,ଏପରି ଗଣହତ୍ୟାକୁ ବନ୍ଦ କରାଯାଉ। କିନ୍ତୁ ସେହି ଦେଶମାନଙ୍କର କଥା ମଧ୍ୟ ଇସ୍ରାଇଲ୍ ସରକାର ଶୁଣିବାକୁ ପ୍ରସ୍ତୁତ ନାହିଁ। ଧନ ଏବଂ କ୍ଷମତା ନିଶା ସେମାନଙ୍କୁ ଅନ୍ଧ କରିଦେଇଛି ଏବଂ ଆମେରିକାର ସାଥିମାନଙ୍କୁ ଗର୍ବ ଓ ଆହଂକାରର ଶେଷ ସୀମା ପର୍ଯ୍ୟନ୍ତ ପହଞ୍ଚାଇ ଦେଇଛି । ମୁସଲମାନେ ରାଷ୍ଟ୍ରମାନେ ମଧ୍ୟ କିଛି କରୁ ନାହାନ୍ତି କି କୌଣସି ବିହିତ ପଦକ୍ଷେପ ମଧ୍ୟ ନେଉ ନାହାନ୍ତି। ଯଦି ସେମାନେ କିଛି କରି ପାରୁ ନାହାନ୍ତି ତେବେ ଅନ୍ତତଃ ନିଜର ଅବସ୍ଥାକୁ ପରିବର୍ତ୍ତନ ଓ ସୁଧାର କରି ଅଲ୍ଲାଃତାଲାଙ୍କ ସମ୍ମୁଖରେ ଆନତ ହୁଅନ୍ତୁ । କାରଣ ଅଲ୍ଲାଃତାଲା ହିଁ ସେମାନଙ୍କୁ ସାହାଯ୍ୟ କରିବାକୁ ଦଉଡ଼ି ଆସିବେ । ଏପରି ହୁଅନ୍ତା କି ସେମାନେ ଉକ୍ତ ବିନ୍ଦୁକୁ ହୃଦୟଙ୍ଗମ କରି ନିଅନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ। ସେହିପରି ମୁସଲମାନମାନେ ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଅତ୍ୟାଚାରରୁ ନିବୃତ୍ତ ରଖନ୍ତୁ ଓ ଅତ୍ୟାଚାରରୁ ଅଟକାନ୍ତୁ ଏବଂ ସଂସାରର ସାମୂହିକ ପରିସ୍ଥିତି ପାଇଁ ମଧ୍ୟ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ ନିମନ୍ତେ ମୁଁ (ହୁଜୁର୍ ଅନୱର୍ ଅ.ବ) ଆହ୍ୱାନ ଜଣାଉଛି ।

ହୁଜୁର ଅନୱର୍ ଅ.ବ କହିଲେ, ଆଜି ଅହମଦିମାନଙ୍କର ଏହି କାର୍ଯ୍ୟ ଓ ଦାୟିତ୍ୱ ରହିଛି ଯେ, ସେମାନେ ସମସ୍ତ ପ୍ରକାରର ଅତ୍ୟାଚାର ଓ ଅନ୍ୟାୟ ବିପକ୍ଷରେ ଯେଉଁଠି ସମ୍ଭବ ହୋଇପାରୁଛି ସେଠାରେ ସ୍ୱରୋତ୍ତୋଳନ କରନ୍ତୁ ଏବଂ ଆପଣମାନେ ବିଶେଷ ରୂପେ ଦୁଆ କରିବା ପ୍ରତି ଜୋର ଦିଅନ୍ତୁ ଏବଂ ବେଦନାପୂର୍ଣ୍ଣ ହୃଦୟର ସହିତ ଦୁଆ କରନ୍ତୁ । **ଆମିନ୍ । (ଅଲ୍‌ଫଜଲ୍ ଇଣ୍ଟର୍ ନ୍ୟାସ୍‌ନଲ୍, 19 ସେପ୍ଟେମ୍ବର 2025 ମସିହା, ପୃ-2-7)**

☆--☆--☆

## ବିଗତ ସଂଖ୍ୟା-39, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 02-02-2024 ଅବଶିଷ୍ଟାଂଶ....

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏତଦ୍‌ପରେ ଅବୁ ସୁଫିୟାନ୍ ଡାକି ମୁସଲମାନମାନଙ୍କୁ କହିଲା, ଯେ, ହେ ମୁସଲମାନମାନେ ! ଆସନ୍ତା ବର୍ଷରେ ବଦର୍ ଭୂମିରେ ଆମେମାନେ ତୁମମାନଙ୍କ ସହିତ ପୁଣି ଭେଟ ହେବୁ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ନିଜର ସାହାବାମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିକୁ କହିଲେ, ବସ୍ସ ! ତୁମେ ଅବୁ ସୁଫିୟାନକୁ କହିଦିଅ ଯେ, ହଁ ଆମମାନଙ୍କର ତୁମମାନଙ୍କ ସହିତ ପୁଣି ବଦର୍ ଭୂମିରେ **ଇନ୍‌ଶାଅଲ୍ଲାଃ** ଦେଖା ହେବ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-333, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2008 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ଉଲ୍ଲେଖ କରନ୍ତି ଯେ, "ଏପଟେ ମୁସଲମାନମାନେ ନିଜର ଘା ତଥା କ୍ଷତରେ ମଲମ ଲଗାଇବା ଓ ପଟ୍ଟି ବାନ୍ଧିବା କାର୍ଯ୍ୟରେ ବ୍ୟସ୍ତ ଥିଲେ ସେପଟେ ଯୁଦ୍ଧ ଭୂମିରେ ପାଦଦେଶରେ ମକ୍କାର କୁରୈଶ୍‌ମାନେ ଶହୀଦ୍ ମୁସଲମାନମାନଙ୍କର ଶବକୁ ଅତ୍ୟନ୍ତ ନିର୍ମମ ଭାବରେ ବିକୃତ କରୁଥିଲେ । ଅର୍ଥାତ୍ ନୃଶଂସନୀୟ ଭାବରେ ଶବକୁ ବିକୃତ କରିବାର କାର୍ଯ୍ୟ ସମ୍ପାଦନ କଲେ । ମୁସଲମାନମାନେ ବୀରଗତି ପ୍ରାପ୍ତ କରିଥିବା ଶହୀଦମାନଙ୍କ ଶବ ସହିତ ମକ୍କାର ରକ୍ତାକ୍ତ ହିଂସ୍ର ବ୍ୟକ୍ତିମାନଙ୍କ ମନରେ ଯାହା ଆସୁଥିଲା ତାହା ସେମାନେ ଶହୀଦ୍ ହୋଇଥିବା ସାହାବାମାନଙ୍କ ସହିତ ଓ ଶବ ସହିତ ପ୍ରଦର୍ଶନ କରୁଥିଲେ । କୁରୈଶ୍‌ମାନଙ୍କର ମହିଳାମାନେ ମୁସଲମାନମାନଙ୍କର ନାକ ଓ କାନ କାଟି ହାରରେ ନାକ କାନକୁ ଗୁନ୍ଥି ପିନ୍ଧିଲେ । ଅବୁ ସୁଫିୟାନ୍‌ର ପତ୍ନି ହିନ୍ଦ୍ (ହିନ୍ଦା) ହ. ହମଜା ର.ଅଙ୍କ କଲିଜା କାଢି କଞ୍ଚା ଚୋବାଇଦେଲା । ଅତଏବ୍ ସାର୍ ୱଲିୟମ୍ ମିଓର କୁହନ୍ତି: "ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କର ଶବ ସହିତ ଦୁର୍ବ୍ୟବହାର ଅତ୍ୟନ୍ତ ନୃଶଂସନୀୟ ଆଚରଣ ପ୍ରଦର୍ଶନ କରିଥିଲେ । ମକ୍କାର ଅଧିପତିମାନେ ବହୁ ସମୟ ଧରି ଆଁହଜରତ ସ.ଅଙ୍କ ଶବକୁ ରଣଭୂମିରେ ସନ୍ଧାନ (ଖୋଜାଖୋଜି) କରୁଥିଲେ ଏବଂ ଉକ୍ତ ଦୃଶ୍ୟକୁ ଦେଖିବା ପାଇଁ ସେମାନଙ୍କର ଚକ୍ଷୁ ବ୍ୟାକୁଳିତ ହୋଇଯାଇଥିଲା । କିନ୍ତୁ ସେମାନେ ଯେଉଁ ଜିନିଷ ଅର୍ଥାତ୍ ଆଁହଜରତ ସ.ଅଙ୍କୁ ଖୋଜୁଥିଲେ ତାହା (ଆଁହଜରତ ସ.ଅ) ସେମାନଙ୍କୁ ମିଳିଲା ନାହିଁ । ତେଣୁ ଏହି ସନ୍ଧାନରୁ ସେମାନେ ନିରାଶ ହୋଇ ଅବୁ ସୁଫିୟାନ୍ ନିଜର କେତେକ ସାଥିମାନଙ୍କ ନେଇ ସେହି ସଂକୀର୍ଣ୍ଣ ଫାଟ ଅର୍ଥାତ୍ ଗିରିପଥ ଆଡ଼କୁ ଅଗ୍ରସର ହେଲା । ସେହି ସଂକୀର୍ଣ୍ଣ ଗିରିପଥ ଠାରେ ମୁସଲମାନମାନେ ଏକତ୍ରିତ ଥିଲେ । ଅବୁ ସୁଫିୟାନ୍ ସେଠାରେ ଛିଡ଼ା ହୋଇ ଡାକିଲା, " ହେ ମୁସଲମାନମାନେ! କ'ଣ ତୁମମାନଙ୍କ ମଧ୍ୟରେ ମୁହମ୍ମଦ୍ ସ.ଅ ଜୀବିତ ଅଛନ୍ତି କି ? ଆଁହଜରତ ସ.ଅ କହିଲେ, ହେ ସାହାବାମାନେ ! କେହି ଉତ୍ତର ଦିଅ ନାହିଁ । ସୁତରାଂ ସମସ୍ତ ସାହାବାମାନେ ନୀରବ ରହିଲେ । ପୁନଶ୍ଚ ହ. ଅବୁ ବକ୍କର ର.ଅ ଓ ହ. ଉମର୍ ର.ଅ ଆଁହଜରତ୍ ସ.ଅଙ୍କୁ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! କ'ଣ ଆମେମାନେ ଉତ୍ତର ଦେବୁ ନାହିଁ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ସେମାନଙ୍କୁ କହିଲେ, କେହି ବି ଉତ୍ତର ଦିଅ ନାହିଁ । ତେଣୁ ଆଁହଜରତ ସ.ଅଙ୍କ ଆଦେଶମତେ କେହି ବି ଉତ୍ତର ଦେଲି ନାହିଁ । ପ୍ରତ୍ୟୁତ୍ତରରେ ଅବୁ ସୁଫିୟାନ୍ ଅତ୍ୟନ୍ତ ଅହଂକାରପୂର୍ବକ ଭଙ୍ଗୀରେ କହିଲା, ହେ ଅବିଶ୍ୱାସକାରୀମାନେ ଏହି ସମସ୍ତ ଲୋକମାନେ ମୃତ୍ୟୁବରଣ କରିଛନ୍ତି । କାରଣ ଯଦି ଏମାନେ ଜୀବିତ ଥାଆନ୍ତେ ତେବେ ଏମାନେ ଉତ୍ତର ଦେଇଥାଆନ୍ତେ । ଅତଏବ୍ ହ. ଉମର୍ ର.ଅ ସେତେବେଳେ ନିଜକୁ ସମ୍ଭାଳି ନପାରି କହିଲେ, ହେ ଅଲ୍ଲାଃଙ୍କ ଶତ୍ରୁ ଅବୁ ସୁଫିୟାନ୍ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ତୁ ଯାହା କହୁଛୁ ତାହା ସବୁ ମିଛ ଅଟେ । ତୁ ଯେଉଁସବୁ ନାମ ଉଚ୍ଚାରଣ କରୁଛୁ ସେମାନେ ସମସ୍ତେ ଜୀବିତ ଅଛନ୍ତି । ଈଶ୍ୱର ଆମମାନଙ୍କ ହାତରେ ତୋତେ **ଇନ୍‌ଶାଅଲ୍ଲାଃ** ତିରସ୍କୃତ କରିବେ । ଅବୁ ସୁଫିୟାନ୍ ହ. ଉମର୍ ର.ଅଙ୍କ ସ୍ୱର ଚିହ୍ନି ନେଲା ଏବଂ କହିଲା, ହେ ଉମର୍ ! ତୁମେ ସତ ସତ କୁହ ଯେ, କ'ଣ ମୁହମ୍ମଦ୍ ସ.ଅ ଜୀବିତ ଅଛନ୍ତି କି ? ହ. ଉମର୍ ର.ଅ କହିଲେ,

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ହଁ ହଁ ! ଅଲ୍ଲାଃତାଲାଙ୍କ କୃପାରୁ ଆମମାନଙ୍କ ମଧ୍ୟରେ ଆଁହଜରତ ସ.ଅ ସକୁଶଳେ ଜୀବିତ ଅଛନ୍ତି ଓ ତୁମର ଏହି କଥା ଶୁଣୁଛନ୍ତି । ଅବୁ ସୁଫିୟାନ୍ ଏତ ଧୀର ସ୍ୱରର କହିଲା, ହେଇ ଦେଖରେ ମୁହମ୍ମଦ୍ ସ.ଅ ନାଉଜୁବିଲ୍ଲାଃ ଜୀବିତ ଅଛନ୍ତି ଏବଂ ଇବ୍‌ନେ କମଆ ମିଛ କଥା କହିଛି । କାରଣ ମୁଁ ତୁମକୁ ସେହି ଉଲୁଲ୍ ହୁବୁଲ୍ ଦେବାତା ଠାରୁ ବି ଅଧିକ ସତ୍ୟ ବୋଲି ମନେକରୁଛି। ଏତଦ୍‌ପରେ ଅବୁ ସୁଫିୟାନ୍ ଅତ୍ୟନ୍ତ ଉଚ୍ଚ ସ୍ୱରରେ ଡାକିଲା ଯେ, ଉଲୁଲ୍ ହୁବୁଲ୍, ଉଲୁଲ୍ ହୁବୁଲ୍ । ହୁବୁଲ୍ ଦେବତାଙ୍କର ଜୟ ହେଉ । ସାହାବାମାନେ ଆଁହଜରତ ସ.ଅଙ୍କ ଆଦେଶମତେ ନୀରବ ରହିଲେ । କାରଣ ଆପଣ ସ.ଅ ପ୍ରଥମେ ସାହାବାମାନଙ୍କୁ ଉତ୍ତର ନଦେବାକୁ କହିଥିଲେ । ଆପଣ ସ.ଅ ଅବୁ ସୁଫିୟାନ୍‌ର ପ୍ରଶ୍ନର ଉତ୍ତର ଦେବାରୁ  ଅଟକାଇଥିଲେ। କିନ୍ତୁ ଆଁହଜରତ ସ.ଅ ଯିଏ ନିଜ ନାମ ଉଚ୍ଚାରଣ ହେବା ସମୟରେ ସାହାବାମାନଙ୍କୁ ନୀରବ ରହିବା ନିମନ୍ତେ ଆଦେଶ ଦେଇଥିଲେ । ବର୍ତ୍ତମାନ ଆପଣ ସ.ଅ ଈଶ୍ୱରଙ୍କ ବିପକ୍ଷରେ ପିତୁଳାର ନାମୋଚ୍ଚରାଣ ହେବା ମାତ୍ରେ ବ୍ୟାକୁଳିତ ହୋଇ ଉଠିଲେ । ଆପଣ ସ.ଅ ଅତ୍ୟନ୍ତ ଉତ୍ସାହିତ ହୋଇ ସାହାବାମାନଙ୍କ ଆଡ଼କୁ ଦେଖି କହିଲେ, ହେ ସାହାବାମାନେ ! ତୁମେମାନେ ଉତ୍ତର ଦେଉ ନାହଁ କାହିଁକି ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କି ଉତ୍ତର ଦେବୁ ଓ କ'ଣ କହିବୁ ? ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହା କୁହ ଯେ, اَللّٰہُ اَعْلٰی وَاَجَلّ۔ اَللّٰہُ اَعْلٰی وَاَجَلّ۔ । ଆପଣ ସ.ଅ କହିଲେ, ହେ ସାହାବାମାନେ! ତୁମେମାନେ ଏହା କୁହ କି ଅଲ୍ଲାଃତାଲା ସମସ୍ତ ମର୍ଯ୍ୟାଦା ଓ ମହିମାରା ଅଧିକାରୀ ଅଟନ୍ତି । ଅବୁ ସୁଫିୟାନ୍ ପୁନଶ୍ଚ କହିଲା, ହେ ମୁସଲମାନମାନେ ଆମ ପାଖରେ ଉଜ୍ଜା ନାମକ ପିତୁଳା (ମୂର୍ତ୍ତି) ରହିଛି ଏବଂ ତୁମ ପାଖରେ କୌଣସି ଉଜ୍ଜା ଠାକୁର ନାହିଁ । ନବୀ କରୀମ୍ ସ.ଅ ଉକ୍ତ କଥା ଶୁଣି ସାହାବାମାନଙ୍କୁ କହିଲେ, ହେ ସାହାବାମାନେ! ତୁମେମାନେ ଅବୁ ସୁଫିୟାନ୍ ଉକ୍ତ କଥାର ଉତ୍ତର ଦେବ ନାହିଁ ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କ'ଣ କହିବୁ ଓ କି ଉତ୍ତର ଦେବୁ? ନବୀ କରୀମ୍ ସ.ଅ ସାହାବାମାନଙ୍କୁ ଏହି ଉତ୍ତର ଦେବା ନିମନ୍ତେ କହିଲେ, اَللّٰہُ مَوْلَانَا وَلَا مَوْلٰی لَکُمْ । ଅର୍ଥାତ୍ ହେ ସାହାବାମାନେ ତୁମେମାନେ ଅବିଶ୍ୱାସକାରୀଙ୍କୁ ଏହା କୁହ କି ଅଲ୍ଲାଃତାଲା ଆମମାନଙ୍କର ସହାୟକ ଅଟନ୍ତି ଏବଂ ତୁମମାନଙ୍କର ସହାୟକ ଅଲ୍ଲାଃତାଲା ନୁହନ୍ତି। ଅବୁ ସୁଫିୟାନ୍ କହିଲା, ହେ ମୁହମ୍ମଦ୍ ସ.ଅ ! ଯୁଦ୍ଧ ଏକ କୂପର ବାଲଟି ପରି । ଅର୍ଥାତ୍ ବାଲ୍‌ଟିକୁ ଆମେମାନେ ଯେତେବେଳେ ପାଣି କାଢିବା ନିମନ୍ତେ କୂପ ମଧ୍ୟରେ ତଳକୁ ପକାଇଥାଉ ଓ ଜଳ କାଢିବା ନିମନ୍ତେ ଦଉଡ଼ିକୁ ଯେତେବେଳେ ଟଣାଯାଏ ସେତେବେଳେ ବାଲଟି କୂପ ମଧ୍ୟରୁ ଉପରକୁ ଆସିଥାଏ। ଅତଏବ୍ ସେଇଥି ପାଇଁ ଏହା କୁହାଯାଇଛି ଯେ, ଯୁଦ୍ଧ ବାଲଟି ପରି ହୋଇଥାଏ । ଅର୍ଥାତ୍ ବାଲଟି କେତେବେଳେ ତଳକୁ ଖସିଥାଏ ଓ ତ' ଆଉ କେତେବେଳେ ଉପରକୁ ଉଠିଥାଏ। ତେଣୁ ଏହି ଦିନକୁ ବଦର ଯୁଦ୍ଧର ପ୍ରତିଶୋଧ ବୋଲି ଗ୍ରହଣ କରିନିଅ ଓ ତୁମେ ଯୁଦ୍ଧ ଭୂମିରେ ଏପରି ଶବ ଦେଖିବାକୁ ପାଇବ ଯେ, ସେହି ଶବଗୁଡ଼ିକୁ ବକୃତ କରି ଦିଆଯାଇଛି । ମୁଁ ସୈନ୍ୟବାହିନୀକୁ ଶବକୁ ବିକୃତ କରିବା ନିମନ୍ତେ ଆଦେଶ ଦେଇ ନାହିଁ । କିନ୍ତୁ ମୁଁ ଯେତେବେଳେ ଜାଣିବାକୁ ପାଇଲି ଯେ, ଶବ ପ୍ରତି ଏତାଦୃଶ ବ୍ୟବହାର ପ୍ରଦର୍ଶନ କରାଯାଇଛି ତେବେ ମୁଁ କହିଲି ଏପରି କୃତ୍ୟ ଆଦୌ ଘୃଣ୍ୟ ନୁହେଁ । ହେ ମୁହମ୍ମଦ୍ ସ.ଅ ଆମମାନଙ୍କ ସହିତ ଓ ତୁମମାନଙ୍କ ମଧ୍ୟରେ ଆସନ୍ତା ବର୍ଷ ଠିକ୍ ଏହି ଦିନମାନଙ୍କରେ ବଦର୍ ନାମକ ସ୍ଥାନରେ ପୁଣି ଯୁଦ୍ଧ ହେବ । ଯୁଦ୍ଧର ଏହି ଅଙ୍ଗୀକାର ତୁମ ସହିତ ରହିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜନୈକ ସାହାବି ଆଁହଜରତ୍ ସ.ଅଙ୍କ ମାର୍ଗଦର୍ଶନ ଅନୁଯାୟୀ ଉତ୍ତର ଦେଲେ ଯେ, ହେ ଅବୁ ସୁଫିୟାନ୍ ! ଅତି ସୁନ୍ଦର । ହଉ ଏଥର ଉକ୍ତ ଅଙ୍ଗୀକାର ରହିଲା । ଏହା କହି ଅବୁ ସୁଫିୟାନ୍ ନିଜର ସାଙ୍ଗମାନଙ୍କୁ ନେଇ ତଳକୁ ଓହ୍ଲାଇଗଲା ଓ ପୁନଶ୍ଚ ଖୁବ୍ ଶୀଘ୍ର କୁରୈଶ୍‌ମାନଙ୍କର ସୈନ୍ୟବାହିନୀ ମକ୍କା ଆଡ଼କୁ ଚାଲିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ଏହା ଏକ ବିଚିତ୍ର କଥା ଯେ, ଇତ୍ୟବସରରେ କୁରୈଶ୍‌ମାନେ ମୁସଲମାନମାନଙ୍କ ଉପରେ ବିଜୟ ପ୍ରାପ୍ତ ହେବା ସତ୍ତ୍ୱେ ଏବଂ ପ୍ରକାଶ୍ୟଗତ ସାଧନ ଦୃଷ୍ଟିରୁ ସେମାନେ ଯଦି ଚାହିଁଥାଆନ୍ତେ ତେବେ ସେମାନେ ନିଜର ଉକ୍ତ ବିଜୟରୁ ଲାଭବାନ୍ ହୋଇପାରି ଥାଆନ୍ତେ ଏବଂ ମଦିନା ଉପରେ ଆକ୍ରମଣ କରିବାର ମାର୍ଗ ସେମାନଙ୍କ ପାଇଁ ଉନ୍ମୁକ୍ତ (ଖୋଲା) ରହିଥିଲା । କିନ୍ତୁ ଈଶ୍ୱରଙ୍କ ଲୀଳା ଏପରି ପରିବର୍ତ୍ତନ ହେଲା କି କୁରୈଶ୍‌ମାନେ ଉକ୍ତ ବିଜୟ ସତ୍ତ୍ୱେ ମଧ୍ୟ ମନ ଭିତରେ ଭୟଭୀତ ଥିଲେ । ସେମାନେ ଉକ୍ତ ବିଜୟକୁ ମୂଲ୍ୟବାନ୍ ତଥା ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରି ଶୀଘ୍ର ଶୀଘ୍ର ମକ୍କା ଫେରିଯିବା ଉଚିତ୍ ବୋଲି ମନେକଲେ । ଅର୍ଥାତ୍ କୁରୈଶ୍‌ମାନଙ୍କୁ ମକ୍କା ଠାରେ ଯେଉଁ ବିଜୟ ପ୍ରାପ୍ତ ହୋଇଥିଲା ତାହାକୁ ସେମାନେ ମୂଲ୍ୟବାନ ମନେକରି ଶୀଘ୍ର ଶୀଘ୍ର ମକ୍କା ଫେରିଯିବାକୁ ଉଚିତ୍ ବୋଲି ମନେକଲେ । କିନ୍ତୁ ଏସବୁ ସତ୍ତ୍ୱେ ଆଁହଜରତ ସ.ଅ ଅତିରିକ୍ତ ସତର୍କତାକୁ ଦୃଷ୍ଟିରେ ରଖି ତୁରନ୍ତ 70 ଜଣ ସଦସ୍ୟ ବିଶିଷ୍ଟ ଏକ ସୈନ୍ୟଦଳ ପ୍ରସ୍ତୁତ କରି କୁରୈଶ୍‌ମାନଙ୍କ ସୈନ୍ୟବାହିନୀ ପଛରେ ପ୍ରେରଣ (ପଠାଇ) କରିଦେଲେ। ସେହି ସୈନ୍ୟବାହିନୀ ମଧ୍ୟରେ ହ. ଅବୁ ବକ୍କର ର.ଅ, ହ. ଜୁବୈର୍ ର.ଅ ମଧ୍ୟ ସାମିଲ୍ ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ । ସାଧାରଣ ଇତିହାସବିତ୍‌ମାନେ ଏହିପରି ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ହ. ଅଲୀ ର.ଅ କିମ୍ବା ଅନ୍ୟ କେତେକ ବର୍ଣ୍ଣନା ଅନୁଯାୟୀ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ କୁରୈଶ୍‌ମାନଙ୍କ ସୈନ୍ୟବାହିନୀ ପଛରେ ପ୍ରେରଣ କରିଥିଲେ । ଆଁହଜରତ ସ.ଅ ହ. ସାଆଦ୍ ର.ଅଙ୍କୁ କହିଲେ, ହେ ସାଆଦ୍ ! ତୁମେ ଏହି ଖବର ଲଗେଇଲ ଟିକେ ଯେ, କୁରୈଶ୍ ସୈନ୍ୟବାହିନୀ ମଦିନା ଉପରେ ଆକ୍ରମଣ କରିବାର ଯୋଜନା ପ୍ରସ୍ତୁତ କରୁ ନାହାନ୍ତି ଓ ମଦିନା ଉପେ ଆକ୍ରମଣ କରିବାର ଉଦ୍ଦେଶ୍ୟ ରଖୁ ନାହାନ୍ତି ତ' ? ଆପଣ ସ.ଅ ତାଙ୍କୁ କହିଲେ, ଯଦି କୁରୈଶ୍‌ମାନେ ଓଟ ଉପରେ ଆରୋହଣ ହୋଇଛନ୍ତି ଏବଂ ଅଶ୍ୱମାନଙ୍କୁ ଖାଲିଟାରେ ଚଳାଉଛନ୍ତି ତେବେ ତୁମେମାନେ ଏହା ବୁଝିବ ଯେ, ସେମାନେ ମକ୍କା ଆଡ଼କୁ ଫେରିଯାଉଛନ୍ତି । ମଦିନା ଉପରେ ଆକ୍ରମଣ କରିବାର ସେମାନଙ୍କର କୌଣସି ଉଦ୍ଦେଶ୍ୟ ନାହିଁ । ପୁନଶ୍ଚ ଯଦି ସେମାନେ ଅଶ୍ୱ ଉପରେ ଆରୋହଣ ହୋଇଥାଆନ୍ତି ତେବେ ସେମାନଙ୍କର ଉଦ୍ଦେଶ୍ୟ ଭଲ ନୁହଁ । ଆପଣ ସ.ଅ ତାଙ୍କୁ ଉକ୍ତ କଥାର ତାଗିଦ୍ କଲେ ଯେ, ଯଦି କୁରୈଶ୍‌ମାନଙ୍କର ସୈନ୍ୟବାହିନୀ ମଦିନା ମୁହାଁ ହେଲା ତେବେ ତୁରନ୍ତ ଆପଣ ସ.ଅଙ୍କୁ ସୂଚନା ପ୍ରଦାନ କରାଯାଉ । ଆପଣ ସ.ଅ ଅତ୍ୟନ୍ତ ଉତ୍ସାହପୂର୍ବକ ଅବସ୍ଥାରେ କହିଲେ, ହେ ସାହାବାମାନେ ! ଯଦି କୁରୈଶ୍‌ମାନେ ବର୍ତ୍ତମାନ ମଦିନା ଉପରେ ଆକ୍ରମଣ କଲେ ତେବେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଆମେମାନେ ସେମାନଙ୍କ ସହିତ ମୁକାବିଲା କରି ସେମାନଙ୍କୁ ଉକ୍ତ ଆକ୍ରମଣର ସ୍ୱାଦ ଚଖାଇଦେବୁ । ସୁତରାଂ ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରେରିତ ଲୋକମାନେ ଅର୍ଥାତ୍ ସାହାବାମାନେ ଆପଣ ସ.ଅଙ୍କ ଆଦେଶାନୁଯାୟୀ କୁରୈଶ୍ ସୈନ୍ୟବାହିନୀ ପଛରେ ଗଲେ ଏବଂ ଖୁବ୍ ଶୀଘ୍ର ଏହି ଖବର ସଂଗ୍ରହ କରି ଫେରିଲେ ଯେ, କୁରୈଶ୍‌ମାନଙ୍କର ସୈନ୍ୟହବାହିନୀ ମକ୍କା ଆଡ଼କୁ ଯାଉଅଛି । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ମିର୍ଜା ବସୀର୍ ଅହମଦ୍ ସାହେବ ଏମ୍.ଏ ର.ଅ, ପୃ-498-500)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଆଁହଜରତ ସ.ଅଙ୍କ ଆହତ ହୋଇ ଚେତାଶୂନ୍ୟ ହୋଇଯିବା ଓ ତତ୍ପରବର୍ତ୍ତୀ ଘଟଣାର ଚର୍ଚ୍ଚା କରି କୁହନ୍ତି: "କିଛି ସମୟ ପରେ ଆଁହଜରତ ସ.ଅଙ୍କ ଚେତା ଫେରିଲା ଓ ସାହାବାମାନେ ଚତୁର୍ପାର୍ଶ୍ୱରେ ଲୋକ ପ୍ରେରଣ କରିଦେଲେ ଯେ, ମୁସଲମାନମାନେ ପୁନର୍ବାର ଏକତ୍ରିତ ହୋଇ ଯାଆନ୍ତୁ । ପଳାୟନ କରିଥିବା ସୈନ୍ୟବାହିନୀ ପୁଣିଥରେ ଏକତ୍ରିତ ହେବା ଆରମ୍ଭ ହେଲେ ଓ ରସୁଲ୍ କରୀମ୍ ସ.ଅ ସେମାନଙ୍କୁ ଧରି ପର୍ବତର ପାଦଦେଶକୁ ଚାଲିଗଲେ। ଯେତେବେଳେ ପର୍ବତ ମଧ୍ୟସ୍ଥ ଗୁମ୍ଫାରେ ଅବଶିଷ୍ଟ ସୈନ୍ୟବାହିନୀ ଛିଡ଼ା ହୋଇଥିଲା ସେତେବେଳେ ଅବୁ ସୁଫିୟାନ୍ ଉଚ୍ଚ ସ୍ୱରରେ ଡାକ ମାରିଲା ଯେ, ହେ ମୁସଲମାନ ସୈନ୍ୟବାହିନୀ ! ଆମେମାନେ ମୁହମ୍ମଦ୍ ସ.ଅଙ୍କୁ ମାରି ଦେଇଛୁ। ରସୁଲ୍ଲାଃ ସ.ଅ ଅବୁ ସୁଫିୟାନ୍ କଥାର ଉତ୍ତର ଦେଲେ ନାହିଁ । କାରଣ ଏପରି ନହେଉ ଯେ, ଶତ୍ରୁ ସତ୍ୟାବସ୍ଥା ଠାରୁ ଅବଗତ ହୋଇ ଆକ୍ରମଣ କରିଦେବ ଓ ଆହତ ମୁସଲମାନମାନେ ପୁଣିଥରେ ଶତ୍ରୁ ଆକ୍ରମଣର ଶିକାର ହୋଇ ନଯାଆନ୍ତୁ। ଅତଏବ୍ ଇସ୍‌ଲାମୀୟ ସୈନ୍ୟବାହିନୀ ପକ୍ଷରୁ ଯେତେବେଳେ ଅବୁ ସୁଫିୟାନ୍‌କୁ କୌଣସି ପ୍ରତିକ୍ରିୟା ତଥା ଉତ୍ତର ମିଳିଲା ନାହିଁ ସେତେବେଳେ ଅବୁ ସୁଫିୟାନ୍‌କୁ ଏହି ବିଶ୍ୱାସ ହୋଇଗଲା ଯେ, ତା'ର ଧାରଣା ସଂପୂର୍ଣ୍ଣ ରୂପେ ଠିକ୍ ଅଟେ । ଅର୍ଥାତ୍ ଆଁହଜରତ ସ.ଅ ମୃତ୍ୟୁବରଣ କରିଛନ୍ତି ଓ ସେ ଉଚ୍ଚ ସ୍ୱରରରେ କହିଲା, ହେ ମୁସଲମାନମାନେ! ଆମେମାନେ ଅବୁ ବକ୍କର୍ ର.ଅଙ୍କୁ ମଧ୍ୟ ମାରି ଦେଇଛୁ । ରସୁଲ୍ କରୀମ୍ ସ.ଅ ହ. ଅବୁ ବକ୍କର୍ ର.ଅଙ୍କୁ ମଧ୍ୟ ଉତ୍ତର ଦେଲେ ଯେ, ହେ ଅବୁ ବକ୍କର ! ଆପଣ କିଛି ଉତ୍ତର ଦିଅନ୍ତୁ ନାହିଁ । ଅବୁ ସୁଫିୟାନ୍ ପୁଣି ଡାକିଲା ଯେ, ହେ ମୁସଲମାନମାନେ ! ଆମେମାନେ ଉମର୍ ର.ଅଙ୍କୁ ମଧ୍ୟ ମାରି ଦେଇଛୁ । ହ. ଉମର୍ ର.ଅ ଯେକି ଜଣେ ଉତ୍ସାହୀ ବ୍ୟକ୍ତି ଥିଲେ ସେତେବେଳେ ଆପଣ ଅବୁ ସୁଫିୟାନ୍‌ର ଉକ୍ତ କଥାର ଉତ୍ତର ଦେବାକୁ ଚାହିଁଲେ ଯେ, ଆମେମାନେ ଅଲ୍ଲାଃତାଲାଙ୍କ କୃପାରୁ ସକୁଶଳେ ଜୀବିତ ଅଛୁ ଓ ତୁମମାନଙ୍କର

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ଅଛନ୍ତି । କିନ୍ତୁ ରସୁଲୁଲ୍ଲାଃ ସ.ଅ ହ. ଉମର୍ ର.ଅଙ୍କୁ ବାରଣ କଲେ ଯେ, ହେ ଉମର୍ ! ଆପଣ ଏପରି କରି ମୁସଲମାନମାନଙ୍କୁ ସମସ୍ୟା ଘେରରେ ତଥା କଷ୍ଟରେ ପକାନ୍ତୁ ନାହିଁ । ଆପଣ ଟିକେ ନୀରବ ରୁହନ୍ତୁ । ବର୍ତ୍ତମାନ ଅବିଶ୍ୱାସକାରୀମାନଙ୍କୁ ଏହି ବିଶ୍ୱାସ ହୋଇଗଲା ଯେ, ଇସ୍‌ଲାମ୍ ଧର୍ମର ସଂସ୍ଥାପକ (ହ. ମୁହମ୍ମଦ୍ ସ.ଅଙ୍କ) ବାମ ଓ ଡାହାଣ କାନ୍ଧ ଅର୍ଥାତ୍ ହ. ଅବୁ ବକ୍କର୍ ର.ଅ ଓ ହ. ଉମର୍ ର.ଅଙ୍କୁ ମଧ୍ୟ ଆମେମାନେ ମାରି ଦେଇଛୁ । ପ୍ରତ୍ୟୁତ୍ତରରେ ଅବୁ ସୁଫିୟାନ୍ ଓ ତା'ର ସାଥିମାନେ ଆନନ୍ଦିତ ହଇ ସ୍ଲୋଗାନ ଦେଲେ ଯେ, ଉଲୁଲ୍ ହୁବୁଲ୍, ଉଲୁଲ୍ ହୁବୁଲ୍ । ଅର୍ଥାତ୍ ଆମମାନଙ୍କର ସମ୍ମାନିତ ଦେବତା ହୁବୁଲ୍‌ଙ୍କ ମର୍ଯ୍ୟାଦା ଉଚ୍ଚ ହେଉ । କାରଣ ସେ ଆଜି ଇସ୍‌ଲାମ୍ ଧର୍ମକୁ ଶେଷ କରି ଦେଇଛନ୍ତି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସଲେହ୍ ମଉଦ୍ ର.ଅ କୁହନ୍ତି: "ଯେଉଁ ବାର୍ତ୍ତାବହ (ଅର୍ଥାତ୍ ଆଁହଜରତ ସ.ଅ) ନିଜର ମୃତ୍ୟୁ ଏବଂ ହ. ଅବୁ ବକ୍କର ଓ ହ. ଉମର୍ ର.ଅଙ୍କ ମୃତ୍ୟୁର ଘୋଷଣା ସମୟରେ ନୀରବ ରହିବା ପାଇଁ ଉପଦେଶ ଦେଉଥିଲେ ଏବଂ ଏପରି ନହେଉ ଯେ, ଆହତ ମୁସଲମାନମାନଙ୍କ ଉପରେ ଅବିଶ୍ୱାସକାରୀମାନଙ୍କ ସୈନ୍ୟବାହିନୀ ପୁଣିଥରେ ଆକ୍ରମଣ କରିଦେଉ ଓ ମୁଠାଏ ମୁସଲମାନମାନେ ଅବୁ ସୁଫିୟାନର ସୈନ୍ୟବାହିନୀ ହାତରେ ପୁଣିଥରେ ଶହୀଦ୍ ହୋଇ ନଯାଆନ୍ତୁ । ଅତଏବ୍ ବର୍ତ୍ତମାନ ଅବୁ ସୁଫିୟାନ ଯେଉଁ କଥା କହିଲା କି ଉଲୁଲ୍ ହୁବୁଲ୍, ଉଲୁଲ୍ ହୁବୁଲ୍ । ଏହା ଏକେଶ୍ୱରବାଦଙ୍କ ମର୍ଯ୍ୟାଦା ଓ ତାହାଙ୍କ ସମ୍ମାନାର ପ୍ରଶ୍ନ ସୃଷ୍ଟି କରିଦେଲା । ଯେତେବେଳେ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ର ସ୍ଲୋଗାନ ଯୁଦ୍ଧ ଭୂମିରେ ଦିଆଗଲା, ସେତେବେଳେ ଆପଣ ସ.ଅଙ୍କ ଅନ୍ତରାତ୍ମା ବ୍ୟାକୁଳିତ ହୋଇ ଉଠିଲା । ଆପଣ ସ.ଅ ଅତ୍ୟନ୍ତ ଉତ୍ସାହିତ ହୋଇ ସାହାବମାନଙ୍କ ଆଡ଼କୁ ଦେଖି କହିଲେ, ହେ ସାହାବାମାନେ! ତୁମେମାନେ ଉତ୍ତର ଦେଉ ନାହଁ କାହିଁକି ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କି ଉତ୍ତର ଦେବୁ ଓ କ'ଣ କହିବୁ ? ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହା କୁହ ଯେ, ।اَللّٰهُ اَعْلٰى وَاَجَلّ اَللّٰهُ اَعْلٰى وَاَجَلّ । ହେ ଅବିଶ୍ୱାସକାରୀମାନେ ! ତୁମେମାନେ ମିଛ କହୁଛ ଯେ, ହୁବୁଲ୍ ଦେବତାର ମର୍ଯ୍ୟାଦା ବୃଦ୍ଧି ପାଇଛି । ଏହା ଅସତ୍ୟ ଅଟେ । ଅଲ୍ଲାଃତାଲା ଯେକି ଏକ ଓ ଅଦ୍ୱିତୀୟ ଅଟନ୍ତି ସେ ହିଁ ମର୍ଯ୍ୟାଦାଶାଳୀ ଅଟନ୍ତି । ତାହାଙ୍କର ମର୍ଯ୍ୟାଦା, ମହିମା ହିଁ ସର୍ବୋଚ୍ଚ ଅଟେ । ଏହିପରି ଭାବରେ ଆପଣ ସ.ଅ ନିଜର ଜୀବିତ ହେବାର ସୂଚନା ଶତ୍ରୁ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲେ । ଉକ୍ତ ସାହସିକପୂର୍ଣ୍ଣ ଉତ୍ତରର ପ୍ରଭାବ ଅବିଶ୍ୱାସକାରୀମାନ ସୈନ୍ୟବାହିନୀ ଉପରେ ଏତେ ଗଭୀର ପ୍ରଭାବ ପଡ଼ିଲା ଯେ, ସେମାନଙ୍କର ସମସ୍ତ ଆଶା ଧୂଳିସାତ୍ ହୋଇଗଲା । ସେମାନଙ୍କ ସମ୍ମୁଖରେ ମୁଠାଏ ମୁସଲମାନମାନେ ଛିଡ଼ା ହୋଇଥିଲେ ଏବଂ ସେମାନେ ଏହି ମୁଠାଏ ମୁସଲମାନମାନଙ୍କୁ ମାରିଦେବା ବସ୍ତୁବାଦୀ ନିୟମ ଦୃଷ୍ଟିରୁ ସଂପୂର୍ଣ୍ଣ ରୂପେ ସମ୍ଭବପର ହେବା ସତ୍ତ୍ୱେ ମଧ୍ୟ ସେହି ଅବିଶ୍ୱାସକାରୀମାନେ ପୁନର୍ବାର ଆକ୍ରମଣ କରିବାକୁ ସାହସ କରିପାରିଲେ ନାହିଁ। ସେମାନଙ୍କୁ ଯେତିକି ବିଜୟ ପ୍ରାପ୍ତ ହୋଇଥିଲା ତଦନୁଯାୟୀ ସେମାନେ ଆନନ୍ଦ ଓ ଉଲ୍ଲାସ ପାଳନ କରି ମକ୍କା ଫେରିଗଲେ।"

**(ଦିବାଚା ତଫସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-252-253)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସଲେହ୍ ମଉଦ୍ ର.ଅ ବିଭିନ୍ନ ଦୃଷ୍ଟିକଣ ଅନୁଯାୟୀ ଉକ୍ତ ଘଟଣାକୁ ବିଭିନ୍ନ ସ୍ଥାନରେ ବର୍ଣ୍ଣନା କରିଛନ୍ତି । **ଇନ୍‌ଶାଅଲ୍ଲାଃ** ସେହିସବୁ ଘଟଣାବଳୀକୁ ମୁଁ ଆସନ୍ତା ଖୁତ୍‌ବାମାନଙ୍କରେ ବର୍ଣ୍ଣନା କରିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଯେପରିକି ସାମୂହିକ ଦୁଆ କରିବା ନିମନ୍ତେ ଜମାଅତ୍‌ର ସମସ୍ତ ସଦସ୍ୟାବୃନ୍ଦଙ୍କୁ କହିଥାଏ, ଯେ, ଜମାଅତ୍‌ର ସଦସ୍ୟବୃନ୍ଦମାନେ ପାଲେଷ୍ଟାଇନ୍‌ର ସାମୂହିକ ପରିସ୍ଥିତ ଏବଂ ସେହିପରି ୟମନ୍ ଓ ପାକିସ୍ତାନ୍‌ରେ ବାସ କରୁଥିବା ଅହମଦିମାନେ ବିଶେଷ ରୂପେ ଦୁଆ ଜାରି ରଖନ୍ତୁ । ସମ୍ଭବତଃ ଗାଜାରେ ଯୁଦ୍ଧ ବିରାମ ନିମନ୍ତେ ପ୍ରୟାସ ଚାଲିଛି । ସମ୍ଭବତଃ ଇସ୍ରାଇଲୀୟ ସରକାର ମଧ୍ୟ କିଛିଟା ଯୁଦ୍ଧ ବିରାମ ପାଇଁ ସହମତି ପ୍ରକାଶ କରିବେ । କିନ୍ତୁ ଲେବନାନ୍‌ର ସୀମା ସହିତ ଯୁଦ୍ଧ ଆରମ୍ଭ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହାର ପ୍ରଭାବ ୱେଷ୍ଟ ବ୍ୟାଙ୍କରେ ଥିବା ପାଲେଷ୍ଟାଇନ୍‌ବାସୀଙ୍କ ଉପରେ ମଧ୍ୟ ନିଶ୍ଚିତ ପଡ଼ିବ । ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ନ୍ୟାୟର କୌଣସି ଚିହ୍ନି ବର୍ଣ୍ଣ ହିଁ ଦେଖିବାକୁ ମିଳୁ ନାହିଁ । ବର୍ତ୍ତମାନ ସେମାନଙ୍କର ନିଜ ଲେଖିଲାବାଲା ସ୍ତମ୍ଭକାର, ସମ୍ପାଦକମାନେ ମୁକ୍ତ ଭାବରେ ଲେଖିବାକୁ ଲାଗିଲେଣି ଯେ, ଇସ୍ରାଇଲ୍ ଅନ୍ୟାୟ ଓ ଅତ୍ୟାଚାରର ସମସ୍ତ ସୀମା ଅତିକ୍ରମ କରି ସାରିଲାଣି । ଆମେରିକାର ନେତାମାନେ ନିଜ ଦେଶର ଅର୍ଥନୀତିକୁ ଶୃଙ୍ଖଳିତ ବ୍ୟବସ୍ଥିତ କରିବାରେ ସେହି ଯୁଦ୍ଧକୁ ଖୋରାକ ଯୋଗାଉଛନ୍ତି ଏବଂ ନିଆଁରେ ଘିଅ ଢାଳିଲା ପରି କାର୍ଯ୍ୟ କରୁଛି। ସେହି କାରଣରୁ ସେମାନଙ୍କର ଆୟ ବୃଦ୍ଧି ପାଉଛି । କାରଣ କାରଖାନାରେ ସେମାନଙ୍କର ଅସ୍ତ୍ରଶସ୍ତ୍ର ଉତ୍ପାଦନ ବୃଦ୍ଧି ପାଇଛି । ବର୍ତ୍ତମାନ ତ' ସେମାନଙ୍କର ନିଜ ବୁଦ୍ଧିଜୀବିମାନେ ମଧ୍ୟ ଏହା କହୁଛନ୍ତି ଯେ, ଆମେରିକା ନିଜର ଅର୍ଥନୀତିକୁ ଅଭିବୃଦ୍ଧି କରିବାକୁ ଯାଇ ଉକ୍ତ ଯୁଦ୍ଧକୁ ଦୀର୍ଘ କରିବାକୁ ଚେଷ୍ଟା କରୁଛି ଏବଂ ଏହା ଦ୍ୱାରା ସଂସାରରେ ଉପଦ୍ରବ ବ୍ୟାପୁଛି। ଏମାନେ ଜାଣନ୍ତି ନାହିଁ ଯେ, ଈଶ୍ୱରଙ୍କ କବଳରୁ ଏମାନେ ବର୍ତ୍ତି ପାରିବେ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଅହମଦିମାନେ ନିଜର ଦୁଆ ଏବଂ ଅଲ୍ଲାଃତାଲାଙ୍କ ସହିତ ଯୋଗଯୋଗ ଦ୍ୱାରା ବିନାଶରୁ ବର୍ତ୍ତିବା ପାଇଁ ନିଜର ଭୂମିକା ନିର୍ବାହ କରନ୍ତୁ । ବିଗତ ଦିନରେ ଏହି ସୂଚନା ମଧ୍ୟ ମିଳିଥିଲା ଯେ, ୟୁ.ଏନ୍.ଓକୁ ସାହାଯ୍ୟ ଯୋଗାଉଥିବା ଯେଉଁ ଏଜେନସୀଗୁଡ଼ିକ ରହିଛନ୍ତି ଯଥା- ଆମେରିକା ଓ ୟୁ.କେ ଇତ୍ୟାଦିମାନେ ୟୁ.ଏନ୍.ଓକୁ ସାହାଯ୍ୟ ଦେବା ବନ୍ଦ କରି ଦେଇଛନ୍ତି । ସାହାଯ୍ୟ କରିବାକୁ ଅସ୍ୱୀକାର କରି ଦେଇଛନ୍ତି ଯେ, ଏମାନଙ୍କର 11, 12 ଜଣ ଲୋକ ହମାସ୍ ସହିତ ମିଶିଥିଲେ । ସେହି କାରଣରୁ ଉକ୍ତ ଅନ୍ୟାୟ ଓ ଅତ୍ୟାଚାର କରାଯାଉଛି ଯେ, କେହି ପାଲେଷ୍ଟାଇନକୁ ସାହାଯ୍ୟ କର ନାହିଁ । ଏହା ଏଇଥି ପାଇଁ ଯେ, ସେମାନଙ୍କୁ ବାଧ୍ୟ କରାଯାଉ । ଏହା ବ୍ୟତୀତ ସେମାନଙ୍କର ଆଉ କୌଣସି ଉଦ୍ଦେଶ୍ୟ ନାହିଁ । କିନ୍ତୁ ବଡ଼ ଆଶ୍ଚର୍ଯ୍ୟକର କଥା ଏହିକି ଯେ, ପାଶ୍ଚାତ୍ୟ ଦେଶମାନେ ସାହାଯ୍ୟ ବନ୍ଦ କରିଦେଇଛନ୍ତି । ଏହି ସୂଚନା ଆସୁ ନାହିଁ ଯେ, ତେଲ ସମ୍ପତ୍ତିର ଅଧିକାରୀ ଯେଉଁ ମୁସଲମାନ ରାଷ୍ଟ୍ରମାନେ ରହିଛନ୍ତି ସେମାନେ କାହିଁକି ଏହା ଘୋଷଣା କରୁ ନାହାନ୍ତି ଯେ, ଆମେମାନେ ପାଲେଷ୍ଟାଇନକୁ ସାହାଯ୍ୟ କରିବୁ । କାରଣ ୟୁ.ଏନ୍‌ର ଏଜେନ୍‌ସୀ ଘୋଷଣା କରି ସାରିଛି ଯେ, ଫେବୃୟାରୀ ପରେ ଆମେମାନଙ୍କୁ ଯଦି ସାହାଯ୍ୟ ପ୍ରାପ୍ତ ନେହେଲା ତେବେ ଆମେମାନେ କୌଣସି ସାହାଯ୍ୟ କରିପାରିବୁ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଅଲ୍ଲାଃତାଲା ମୁସଲମାନ ରାଷ୍ଟ୍ରମାନଙ୍କୁ ମଧ୍ୟ ନିଜର ଭୂମିକା ନିର୍ବାହ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ସଂସାରରେ ଯେଉଁ ଉପଦ୍ରବ, ହିଂସା, ବିଶୃଙ୍ଖଳା ଓ ନରସଂହାର ଚାଲିଛି ତାହା ମଧ୍ୟ ସମାପ୍ତ ହେଉ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନେ ଇରାନ୍ ଦେଶ ସହିତ ମଧ୍ୟ ଯୁଦ୍ଧ ଆଶଙ୍କା ବେଶ୍ ବୃଦ୍ଧି ପାଉଛି । ସେହିପରି ୟମନ୍‌ର ଅହମଦିମାନଙ୍କ ନିମନ୍ତେ ମଧ୍ୟ ଆପଣମାନେ ଦୁଆ କରନ୍ତୁ । ଆମର ଜଣେ ନୈଷ୍ଠିକ ଅହମଦିକୁ ସେଠାରେ ନଜରବନ୍ଦ ଓ କଏଦ୍ କରି ରଖାଯାଇଥିଲା ଏବଂ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ଯୋଗୁଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା, ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ମଧ୍ୟ ହୋଇଯାଇଛି । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜିଉନ୍** । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିବରଣୀ ବହୁତ୍ କଷ୍ଟରେ ପ୍ରାପ୍ତ ହେଉଛି। ସେ ଯାହା ହେଉ ସେହି ଲୋକମାନେ ଯେଉଁମାନେ କୌଣସି ସମସ୍ୟା ଦେଇ ଗତି କରୁଛନ୍ତି ସେମାନଙ୍କ ନିମନ୍ତେ ଆପଣମାନେ ଦୁଆ କରନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତିରିକ୍ତ ବିବରଣୀ ପ୍ରାପ୍ତ ହେବା ପରେ **ଇନ୍‌ଶାଅଲ୍ଲାଃ** ମୁଁ ସ୍ୱର୍ଗତଙ୍କ ଯନାଜାଃ ମଧ୍ୟ ପାଠ କରାଇବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପାକିସ୍ତାନ୍‌ର **(ଅବଶିଷ୍ଟାଂଶ...ପୃ-12ରେ)**

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ୱାରୁଲ୍ ଉଲୁମ୍‌ର ସାମଗ୍ରିକ ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନ୍‌ୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon,
Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 02 October 2025 Issue No. 40

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 02-02-2024 ଅବଶିଷ୍ଟାଂଶ....

ଅହମଦିମାନଙ୍କ ନିମନ୍ତେ ମଧ୍ଵ ଦୁଆ କରନ୍ତୁ । ନିଜର ରାଜନୈତିକ ସ୍ଵାର୍ଥ ସାଧନ ସକାଶେ ସେଠାରେ ମୁଲ୍ଲାମାନେ ଅହମଦିମାନଙ୍କୁ ଅତ୍ୟାଚାରର ଶରବ୍ୟ କରୁଛନ୍ତି ଅର୍ଥାତ୍ ଟାର୍ଗେଟ୍ କରୁଛନ୍ତି । ସେହିପରି ଚରମପନ୍ଥୀ ଗୋଷ୍ଠୀମାନଙ୍କ ଠାରୁ ମଧ୍ଵ ଜମାଅତ୍‌କୁ ବିପଦ ରହିଛି। ଜମାଅତ୍‌କୁ ଓ ଜମାଅତର ସଦସ୍ୟବୃନ୍ଦଙ୍କୁ ମଧ୍ଵ ପ୍ରତ୍ୟେକ ସ୍ଥାନରେ ଦୋହରା ବିପଦ ରହିଛି । ଅର୍ଥାତ୍ ଜଣେ ଅହମଦି ଓ ଜଣେ ନାଗରିକ ହେବା ହିସାବରେ ଉଭୟ ପକ୍ଷରେ ବିପଦ ରହିଛି । ରବ୍‌ୱା ଓ ଅନ୍ୟ ସହରମାନଙ୍କରେ ଥିବା ଅହମଦିମାନଙ୍କ ନିମନ୍ତେ ମଧ୍ଵ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । **ଆମିନ୍** । ଉପଦ୍ରବୀ, ହିଂସାକାରୀଙ୍କ ଉପଦ୍ରବ ଓ ହିଂସା ସେମାନଙ୍କ ଉପରେ ଲେଉଟାଇ ଦିଅନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ସୁରକ୍ଷିତ ରଖନ୍ତୁ । ସଂସାର ଏହି ବାସ୍ତବତାକୁ ବୁଝି ନେଉ ଯେ, ଅଲ୍ଲାଃତାଲାଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ବ୍ୟତୀତ ସେମାନଙ୍କ ନିମନ୍ତେ ଅନ୍ୟ କୌଣସି ମାର୍ଗ ଆଉ ନାହିଁ । ସେମାନଙ୍କର ସ୍ଥାଣୁତା ଓ ଜୀବନ ତହିଁରେ ହିଁ ନିହିତ ରହିଛି ଯେ, ସେମାନେ ଅଲ୍ଲାଃତାଲାଙ୍କ ଚିହ୍ନନ୍ତୁ ଓ ତାହାଙ୍କ ଦ୍ଵାରା ପ୍ରେରିତ ଅବତାରଙ୍କୁ ସ୍ଵୀକାର କରନ୍ତୁ । ଏଥି ନିମନ୍ତେ ଅଲ୍ଲାଃତାଲା ସେମାନଙ୍କୁ ସାମର୍ଥ୍ୟ ପର୍ଦାନ କରନ୍ତୁ । **ଆମିନ୍** । ☆--☆--☆

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ଉପରେ ଆକ୍ରମଣ କରୁଛି । କିଏ ସେ ବ୍ୟକ୍ତି ! ଯିଏ ଈଶ୍ଵରଙ୍କ ଉପରେ ଆକ୍ରମଣ କରି ସଫଳ ହୋଇଯିବ ?" **(ତଫସିର୍ କବିର୍, ଭାଗ-6, ପୃ-147, ପ୍ରକାଶନ ସ୍ଥାନନ- କାଦିୟାନ୍, 2010 ମସିହା)** ☆--☆--☆

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ଵର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟର୍‌ନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ଵ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲ୍‌ରେ ମଧ୍ଵ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ଵାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

| ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍ |
|---|---|

## କାଦିୟାନ୍ ସ୍ଥିତ ସୌନ୍ଦର୍ଯୀକରଣ ବିଭାଗରେ ମାଳି ସେବା କରିବାକୁ ଥିବା ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ

**ସର୍ତ୍ତାବଳୀ:**

(1) ପ୍ରାର୍ଥୀଙ୍କ ବୟସ 50 ବର୍ଷରୁ ଅଧିକ ହୋଇ ନଥିବ କି 18 ବର୍ଷରୁ କମ୍ ବୟସ ହୋଇ ନଥିବ ।

(2) ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ସଂପର୍କରେ କୌଣସି ସର୍ତ୍ତ ନାହିଁ ।

(3) ଜନ୍ମତିଥିର ପ୍ରମାଣ ସ୍ଵରୂପ କୌଣସି ସରକାରୀ ଅନୁଷ୍ଠାନ ଦ୍ଵାର ସ୍ଵୀକୃତ ପ୍ରାପ୍ତ ପ୍ରମାଣ ପତ୍ର ଗ୍ରହଣ ଯୋଗ୍ୟ ହେବ ।

(4) ଯେଉଁମାନେ ମର୍କଜ୍‌ର ନିଯୁକ୍ତି ସଂସ୍ଥାଙ୍କ ଦ୍ଵାରା ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ମାଳି କାର୍ଯ୍ୟରେ ଅଭିଜ୍ଞ ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ଵାରା ବ୍ୟକ୍ତିଗତ ଖର୍ଚ୍ଚରେ ଡାକ୍ତରୀ ପରୀକ୍ଷା ପାଇଁ (ଖର୍ଚ୍ଚ ପ୍ରାୟ- 2500/-ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲ୍‌ଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ଵାସ୍ଥ୍ୟବାନ୍ ବିବେଚିତ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ହେବେ ।

(6) ସିଲେକ୍‌ସନ୍ (ପ୍ରାର୍ଥୀ ଚୟନ) ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହଣୀର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ।

(8) ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ:9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in
☆--☆--☆

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦ୍ଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବତ୍ସଳ ରୂପେ ଅନୁମୋଦନ କରି ସ୍ଵୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିଙ୍କୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan